

ଭଗବାନଙ୍କ ପ୍ରତି ଅଖଣ୍ଡ ବିଶ୍ୱାସରୁ ଯେଉଁ ସୁଖ ମିଳେ, ସେ ସୁଖ ଅନ୍ୟ କେଉଁଠି ମିଳେ ନାହିଁ।

- ଭଲ୍‌ଟାୟାର

## ସଂକ୍ଷେପରେ

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

କୁନ୍ଦୁରା,୨୪।୯(ଡି.ଏନ୍.ଏ.): କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅଧୀନ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କୁନ୍ଦୁରା ବ୍ଲକ ଲିମା ପଞ୍ଚାୟତ ସଦର ମହକୁମା ସମନ୍ୱିତ ଆଦିବାସୀ ଉନ୍ନୟନ ଆବାସିକ ଉଚ୍ଚ ବିଦ୍ୟାଳୟରେ ଭଲିବଲ, କ୍ରିକେଟ, କବାଡି ଏବଂ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ କୁନ୍ଦୁରାର ୨୦ଟି ଯୁବକ ସଂଘ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ଆବାସିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କାଳୁଚରଣ ଡାକୁଆ, ଖେଳ ଶିକ୍ଷକ ତାରିଣୀ ଚରଣ ପାତ୍ର, ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତ୍ରିନାଥ ହରିଜନ ଏବଂ ନୀହାର ରଞ୍ଜନ ଭଞ୍ଜ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଏନ୍‌ୱାଇକେ ସଂଯୋଜକ ଅନ୍ତର୍ଯ୍ୟାମୀ ବିଷୋୟୀ, ବିକ୍ରମ ବେହେରା ପରିଚାଳନା କରିଥିଲେ।

### ରାସ୍ତାରେ ଖାଲଖମା, ମରାମତି ଦାବି



ସେମିଲିଗୁଡ଼ା,୨୪।୯(ସ୍ୱ.ପ୍ର.): ସୁନାବେଡ଼ା ପୌରପରିଷଦ ଅଧୀନ କାକିଗାଁକୁ ଯାଇଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଦୀର୍ଘଦିନ ଧରି ଏହି ରାସ୍ତା ମରାମତି କରାଯାଉ ନ ଥିବାରୁ ଖାଲଖମା ସୃଷ୍ଟି ହୋଇଛି। ସେମିଲିଗୁଡ଼ା ୨୬ ନଂ ଜାତୀୟ ରାଜପଥରୁ ମାତ୍ର ୩କିମି ଦୂର ଏହି ରାସ୍ତା ଉପରେ ଦୈନିକ ଶହଶହ ଲୋକ ନିର୍ଭର କରନ୍ତି। ସ୍କୁଲ, କଲେଜ ଏବଂ ବିଭିନ୍ନ କାର୍ଯ୍ୟାଳୟକୁ ଯିବା ପାଇଁ ଏହାହିଁ ପ୍ରମୁଖ ମାଧ୍ୟମ। କିନ୍ତୁ ରାସ୍ତା ଅବସ୍ଥା ଏଭଳି ଶୋଚନୀୟ ହୋଇପଡିଛି ଯେ, ଗାଡି ମୋଟର ତ ଦୂରର କଥା ପାଦ ଚଲା ଲୋକଙ୍କୁ ବି ଯା'ଆସ କରିବା କଷ୍ଟକର ହୋଇପଡିଛି। ଏହି ରାସ୍ତା ମରାମତି ପାଇଁ ଗ୍ରାମବାସୀ ଦାବି କରିଛନ୍ତି।

### ୨୮ରେ ନୂଆଁଖାଇ ଭେଟ୍‌ଘାଟ



କୋଟପାଡ, ୨୪।୯(ଡି.ଏନ୍.ଏ.): ଅଖିଳ ଭାରତୀୟ ଆଦିବାସୀ ଭତରା ବିକାଶ ପରିଷଦ କୋଟପାଡ ଶାଖା ପକ୍ଷରୁ ସ୍ଥାନୀୟ କାର୍ଯ୍ୟାଳୟରେ ନୂଆଁଖାଇ ଭେଟ୍‌ଘାଟ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ନିଳକଣ୍ଠ ଚଲାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ମଙ୍ଗରାଜ ରନ୍ଧାରୀ, ସମ୍ପାଦକ ରୁପୁ ଭତରା, ଧନୁର୍ଯ୍ୟାୟ ମାଝି, ସତ୍ୟ ନାରାୟଣ ନାୟକ, ରାଜ ମୋହନ ଭଣ୍ଡାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୨୮ରେ ବୋରିଗୁମ୍ମା ବ୍ଲକ ପଦର ଗ୍ରାମରେ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଉକ୍ତ ବୈଠକରେ ସରକାରୀ କର୍ମଚାରୀ ସଂଘ ସଭାପତି ମୋହନ ନାୟକ, ସମ୍ପାଦକ ଭକ୍ତରାମ ସମରଥ, ବଳରାମ ଭତରାଙ୍କ ସମେତ ଗ୍ରାମାଞ୍ଚଳ ଭତରା ସମାଜର ବହୁ କର୍ମୀ ଉପସ୍ଥିତ ଥିଲେ।

### ଉପଖଣ୍ଡ ମାନ୍ୟତା ଦାବିରେ ୨୬ରେ ବନ୍ଦ ପାଳନ

ସେମିଲିଗୁଡ଼ା,୨୪।୯(ସ୍ୱ.ପ୍ର.)-ସେମିଲିଗୁଡ଼ା ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୨୬ରେ ବନ୍ଦ ପାଳନ କରାଯିବ। ବୁଧବାର ୧୧ଟାରୁ ଅପରାହ୍ନ ୩ ଟା ପର୍ଯ୍ୟନ୍ତ ବନ୍ଦ ପାଳନ ହେବ। ସେମିଲିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ଦାବିରେ ଶୋଭାଯାତ୍ରା କରାଯାଇ ସରକାରଙ୍କ ଉଦ୍ଦେଶ୍ୟରେ ବିଡିଓ ଏବଂ ତହସିଲଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବ। ଦାମନଯୋଡ଼ି ଶ୍ରମିକ ସଂଘର କର୍ମକର୍ତ୍ତା ଏବଂ ଅନ୍ୟମାନେ ଶୋଭାଯାତ୍ରାରେ ବାହାରି ଦାମନଯୋଡ଼ି ଆଇଆଇସିଙ୍କୁ ସେମିଲିଗୁଡ଼ାକୁ ଉପଖଣ୍ଡ ମାନ୍ୟତା ପ୍ରଦାନ କରିବା ପାଇଁ ଦାବିପତ୍ର ପ୍ରଦାନ କରିବେ ବୋଲି ବରିଷ୍ଠ ନାଗରିକ ମଞ୍ଚ ସଭାପତି କୃଷ୍ଣ ସିଂହ ସୂଚନା ଦେଇଛନ୍ତି। ସେମିଲିଗୁଡାକୁ ଉପଖଣ୍ଡ ମାନ୍ୟତା ଦେବା ଦାବିରେ କୌଣସି ରାଜନୀତି ନ କରାଯାଉ । ଏହି ଦାବି ପୂରଣ ହେବା ପାଇଁ ଅଞ୍ଚଳବାସୀ ଅନେକ ବର୍ଷ ହେଲା ଅପେକ୍ଷା କରିଛନ୍ତି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ନାଗରିକ ମଞ୍ଚ ଏବଂ ସହରବାସୀ ବାଧହୋଇ ବନ୍ଦ ଡାକରା ଦେଇଛନ୍ତି। ଏଥିରେ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନଗୁଡ଼ିକର ସହମତି ରହିଛି ବୋଲି ନାଗରିକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।



କୋରାପୁଟ ଅଗ୍ନିଶମ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଧାରଣା ଦେଇଛନ୍ତି।



ଜୟପୁର ଅଗ୍ନିଶମ ସେବା ବିଭାଗ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ।

■ ୬ ଦଫା ଦାବିରେ ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ

# ଧାରଣାରେ ଅଗ୍ନିଶମ କର୍ମଚାରୀ

**କୋରାପୁଟ/ଦଶମନ୍ତପୁର/ଜୟପୁର, ୨୪।୯(ସ୍ୱ.ପ୍ର./ଡି.ଏନ୍.ଏ./ନି.ପ୍ର.)**

ରାଜ୍ୟ ଅଗ୍ନିଶମ ସଂଘ ଆହ୍ୱାନକ୍ରମେ ୬ଦଫା ଦାବିରେ କୋରାପୁଟ ଜିଲାର ବିଭିନ୍ନ ସ୍ଥାନରେ ଅଗ୍ନିଶମ ବିଭାଗ କର୍ମଚାରୀମାନେ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି। କୋରାପୁଟ ଜିଲା ସଦର ମହକୁମା ସମେତ ନନ୍ଦପୁର, ପଟ୍ଟାଙ୍ଗି, ଦଶମନ୍ତପୁର, ବୋରିଗୁମ୍ମା, ଜୟପୁର, ଲକ୍ଷ୍ମୀପୁର, କୋଟପାଡ, ବୈପାରିଗୁଡା ଆଦି ସମସ୍ତ ଅଞ୍ଚଳର ଅଗ୍ନିଶମ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଅଗ୍ନିଶମ ବିଭାଗ କର୍ମଚାରୀଙ୍କୁ ପୋଲିସ କର୍ମଚାରୀଙ୍କ ଭଳି ସମସ୍ତ ସୁବିଧା ସହ ଭତ୍ତା ଓ ଦରମା ପ୍ରଦାନ, ହାବିଲଦାର ଓ ଫାୟାରମ୍ୟାନ ସଂଘକୁ ପଞ୍ଜିକୃତ କରିବା, ଠିକା କର୍ମଚାରୀଙ୍କୁ ନିୟମିତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ଜିଲା ଭିତରେ ଆବଶ୍ୟକ ସ୍ଥଳେ ଜିଲା ନିକଟକୁ ବଦଳି କରିବା, ଅବସର ପରେ ପେନସନ ଓ ଅବସରକାଳୀନ ସମସ୍ତ ପ୍ରାପ୍ୟ ଦେବା, ଦୈନିକ ୮ ଘଣ୍ଟା ଡ୍ୟୁଟି ସହ କେଉଁ କାର୍ଯ୍ୟ କରିବେ ତାହାର ଲିଖିତ ତାଲିକା ଦେବା, ଖାଲିଥିବା ପଦବୀ ପୂରଣ କରିବା ଆଦି ୬ ଦଫା ଦାବିରେ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି ବୋଲି ଅଗ୍ନିଶମ କର୍ମଚାରୀମାନେ ସୂଚନା ଦେଇଛନ୍ତି। କୋରାପୁଟ ଫାୟାର ଷ୍ଟେସନରେ ଛୋଟ ବଡ ଦମକଳ ସହ ଗୋଟିଏ ଆମ୍ବୁଲାନ୍ସ ରହିଥିବାବେଳେ ୧୧ ଜଣ ଫାୟରମ୍ୟାନ, ୨ ଜଣ ହାବିଲଦାର ଓ ୨ ଜଣ ଡ୍ରାଇଭର ରହିଛନ୍ତି। ସୋମବାରଠାରୁ କର୍ମଚାରୀମାନଙ୍କ ଆନ୍ଦୋଳନ ଯୋଗୁ କାର୍ଯ୍ୟରେ ଯେପରି ବାଧା ନ ଉପୁଜେ ସେଥି ନିମନ୍ତେ କୋରାପୁଟ ଏସ୍‌ପି ୪ ଜଣ ହୋମଗାର୍ଡଙ୍କୁ କୋରାପୁଟ ଦମକଳ କେନ୍ଦ୍ରକୁ ପଠାଇଥିବା କୋରାପୁଟ ଫାୟାର ଷ୍ଟେସନ ଅଧିକାରୀ ସଞ୍ଜୀବ କୁମାର ବେହେରା ସୂଚନା ଦେଇଛନ୍ତି। କୋରାପୁଟ ଜିଲା ଦଶମନ୍ତପୁର ବ୍ଲକସ୍ଥିତ ଅଗ୍ନିଶମ ବିଭାଗ କର୍ମଚାରୀମାନେ ମଧ୍ୟ ଧାରଣାରେ ସାମିଲ ହୋଇଛନ୍ତି। ଆନ୍ଦୋଳନରେ ଜଣେ ହାବିଲଦାର, ୨୨ଜଣ ଡ୍ରାଇଭର ଏବଂ ୬ଜଣ ଫୟାରମ୍ୟାନ ସାମିଲ ଅଛନ୍ତି।

# ଟାଉନ ଯୁବ ବିଜେଡି ସଭାପତିଙ୍କୁ ମରଣାନ୍ତକ ଆକ୍ରମଣ

**ଜୟପୁର,୨୪।୯(ଡି.ଏନ.ଏ)**

କୋରାପୁଟ ଜିଲା ଜୟପୁର ଟାଉନ ବିଜେଡି ଯୁବ ସଭାପତି ବିକାଶ ପାତ୍ରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ସନ୍ଧ୍ୟାରେ ସ୍ଥାନୀୟ ମାଦଳା ସାହି ସାଉଥ୍ ଚେକ୍ ଗେଟ ନିକଟରେ ୭ରୁ ଉର୍ଦ୍ଧ୍ୱ ଦୁର୍ବୃତ୍ତ ୧୦ଟି ବାଇକରେ ପହଞ୍ଚି ବିକାଶଙ୍କୁ ଆକ୍ରମଣ କରିଥିଲେ। ଏଥିନେଇ ତାଙ୍କ ମୁଣ୍ଡ ଏବଂ ମୁହଁରେ ଗଭୀର ଆଘାତ ଲାଗିଛି। ତାଙ୍କୁ ଗୁରୁତର ଅବସ୍ଥାରେ ଜୟପୁର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ପୂର୍ବ ଶତ୍ରୁତାକୁ ନେଇ ଏହି ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ସନ୍ଧ୍ୟାରେ ଯୁବନେତା ପାତ୍ର ଗୋଡିଆ ଧୋବା ସାହିସ୍ଥ ନିଜ ଘରରୁ କାର ଯୋଗେ ଯାଉଥିବା ବେଳେ ଦୁର୍ବୃତ୍ତମାନେ ବିଭିନ୍ନ ମାରଣାସ୍ତ୍ରରେ ପ୍ରଥମେ ତାଙ୍କ କାର ଉପରକୁ ଆକ୍ରମଣ କରିଥିଲେ । ବିକାଶ କାରକୁ ଅଟକାଇଥିଲେ। । ଏହାପରେ ତାଙ୍କ ଉପରକୁ ଆକ୍ରମଣ କରିବା ସହିତ ସେଠାରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କୁ ସ୍ଥାନୀୟ ବାସିନ୍ଦା ଉଦ୍ଧାର କରିବା ସହିତ ଚିକିତ୍ସାଳୟକୁ ନେଇଥିଲେ । ଆକ୍ରମଣକାରୀଙ୍କ ମଧ୍ୟରୁ ଗୋଡିଆ ଧୋବା ସାହିର ୨ଜଣ ଯୁବକ ରହିଥିବା ନେଇ ଯୁବ ନେତା ପାତ୍ର ପ୍ରକାଶ କରିଛନ୍ତି। ଖବରପାଇ ପୂର୍ବତନ ମନ୍ତ୍ରୀ ରବିନାରାୟଣ ନନ୍ଦ ଚିକିତ୍ସାଳୟରେ ପହଞ୍ଚି ତାଙ୍କ ଅବସ୍ଥା ଡାକ୍ତରଙ୍କଠାରୁ ପଚାରି ବୁଝିଛନ୍ତି । ସେହିପରି ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇ ନଥିବା ଏସ.ଆଇ ଶିବଶଙ୍କର ସାହୁ ପ୍ରକାଶ କରିଛନ୍ତି।

# ଦେଶୀମଦ ବନ୍ଦ ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବୋରିଗୁମ୍ମା ପଞ୍ଚାୟତ ପ୍ରତିନିଧି



ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଉଛନ୍ତି ଜନପ୍ରତିନିଧି।

**ଜୟପୁର୨୪।୯(ନି.ପ୍ର.)**

ସ୍ୱତନ୍ତ୍ର ଭାବେ ବୋରିଗୁମ୍ମା ବ୍ଲକ ତଥା ସାମଗ୍ରୀକ ଭାବେ କୋରାପୁଟ ଜିଲାରେ ଦେଶୀ ମଦ ବ୍ୟବସାୟ ବନ୍ଦ କରିବା ଦାବି ନେଇ ବୋରିଗୁମ୍ମା ବ୍ଲକର ପଞ୍ଚାୟତ ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିଛନ୍ତି । ଜୟପୁର ବିଧାୟକ ତଥା କଂଗ୍ରେସ ଦଳର ମୁଖ୍ୟ ସଚେତକ ତାରାପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ଏହି ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେଇଛନ୍ତି । ସେମାନେ ମୁଖ୍ୟମନ୍ତ୍ରୀଙ୍କୁ ଦର୍ଶାଇଥିଲେ ଯେ, ଦେଶୀମଦ ପ୍ରଚଳନର ବ୍ୟାପକତା ଯୋଗୁଁ କୋରାପୁଟରେ କ୍ରମାଗତ ଭାବେ ଧନଜୀବନ ନଷ୍ଟ ହେଉଛି । ପାରିବାରିକ ଜୀବନ ନଷ୍ଟ ହେବା ସହିତ ସାମାଜିକ ସ୍ଥିତି ବିପନ୍ନ ହେଉଛି । କ୍ରମାଗତ ଆନ୍ଦୋଳନର କିଛି ପ୍ରଭାବ ପଡୁନାହିଁ। ଏହାର କୁପ୍ରଭାବ ଛାତ୍ର ଓ ଯୁବପିଢ଼ିଙ୍କ ଉପରେ ପଡୁଛି । ତେଣୁ ତାହାକୁ ବନ୍ଦ କରାଯାଉ। ମୁଖ୍ୟମନ୍ତ୍ରୀ ସେମାନଙ୍କ କଥା ଦୀର୍ଘ ସମୟ ଧରି ଶୁଣିବା ସହିତ ନିଶ୍ଚୟ ବିଚାର କରିବେ ବୋଲି କହିଥିଲେ। ଏହି ପ୍ରତିନିଧିମାନଙ୍କ ମଧ୍ୟରେ ବୋରିଗୁମ୍ମା ବ୍ଲକ ଅଧ୍ୟକ୍ଷା ବିମଳା ଚାଲାଣ, ସରପଞ୍ଚ ବାବୁଲା ମୁଦୁଲି, ସରପଞ୍ଚ ଚନ୍ଦ୍ରିକା ଜାନି, ସରପଞ୍ଚ ପାର୍ବତୀ ଗାଦବା, ସମିତି ସଭ୍ୟ ପୂର୍ଣ୍ଣଚନ୍ଦ୍ର ମୁଦୁଲି ତଥା ପତି କିର୍ସାନୀ, କମଳେଶ ମାଝୀ, ଗଙ୍ଗାଧର ହରିଜନ, ଟଙ୍କ ଗାଦବା, ସତ୍ୟ ନାରାୟଣ ଚୌଧୁରୀ, ମଧୁସୂଦନ ହରିଜନ, ରୁକଧର, କମଳଲୋଚନ ଗୌଡ, ଚନ୍ଦ୍ର ପରିଜା, ଈଶ୍ୱର ଭୂମିଆ, ପଦ୍ମନ ଗାଦବା ଏବଂ ଉଦ୍ଧବ ଘାସି ସାମିଲ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଏହି ପଞ୍ଚାୟତ ପ୍ରତିନିଧିମାନେ ଅର୍ଥ ଓ ଅବକାରୀ ମନ୍ତ୍ରୀ ଶଶି ଭୂଷଣ ବେହେରାଙ୍କୁ ମଧ ଭେଟି ସେମାନଙ୍କ ଦାବି ଜଣାଇଥିଲେ। ମନ୍ତ୍ରୀ ଶଶି ଭୂଷଣ ଏ ଦିଗରେ ଉଚିତ୍ ପଦକ୍ଷେପ ନେବେ ବୋଲି ଶାନ୍ତ୍ୱନା ଦେଇଥିଲେ ।

# ପୁଣି ଜାତୀୟ ରାଜପଥରୁ ହଟିବ ଜବରଦଖଲ

**ଜୟପୁର, ୨୪।୯ (ନି.ପ୍ର)**

ଜୟପୁର ଦେଇ ଯାଇଥିବା ଜାତୀୟ ରାଜପଥ ନଂ ୨୬ରୁ ଜବରଦଖଲ ଉଚ୍ଛେଦ ଆସନ୍ତା ୪ ତାରିଖରୁ ହେବ ବୋଲି ଜିଲା ପ୍ରଶାସନ ସ୍ଥିର କରିଛି। ଜୟପୁରଠାରୁ ଉଭୟ ପଟେ ଜୁନ୍ ୩୦ରୁ ପ୍ରଶାସନ ତରଫରୁ ଜବରଦଖଲ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇ ଗାନ୍ଧୀଛକ ଯାଏ ଚାଲିଥିଲା। ଗାନ୍ଧୀ ଛକଠାରୁ ଢେପଗୁଡ଼ାର ଗୋଟିଏ ପଟେ ଉଚ୍ଛେଦ କାର୍ଯ୍ୟ ହୋଇଥିବା ବେଳେ ଗାନ୍ଧୀ ଛକଠାରୁ ନୂଆ ବସଷ୍ଟାଣ୍ଡ ପର୍ଯ୍ୟନ୍ତ ଉଭୟ ପଟେ ଜବରଦଖଲ ଉଚ୍ଛେଦ କରାଯିବ ବୋଲି ଉପ ଜିଲାପାଳ ଲୋକ ନାଥ ଦଳବେହେରା ପ୍ରକାଶ କରିଛନ୍ତି।। ଉପଖଣ୍ଡ ପ୍ରଶାସନ, ପୌରପାଳିକା, ତହସିଲ, ଜାତୀୟ ରାଜପଥ ପୋଲିସ ଉପସ୍ଥିତ ରହି ଉଚ୍ଛେଦ ହେବ ବୋଲି ଜିଲା ପ୍ରଶାସନ ନିର୍ଦ୍ଦେଶ ଦେଇଛି । ରାସ୍ତାର ଉଭୟ ପଟେ ଠିଆ ହୋଇଥିବା ଗାଡିକୁ ହଟାଇବା ସହ ଜବରଦଖଲ ମଧ ଉଚ୍ଛେଦ କରାଯିବ । ଜୟପୁରର ଗାନ୍ଧୀ ଛକଠାରେ ଜାତୀୟ ରାଜପଥ ନଂ ୨୬ ଏବଂ ରାଞ୍ଚିବିଜୟୱାଡ଼ା କରିଡର ତଥା ଜାତୀୟ ରାଜପଥ ନଂ ୩୨୫ରେ ମିଶିଥିବା ବେଳେ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି । କିନ୍ତୁ ଏଠାରେ ହିଁ ବ୍ୟବସାୟୀମାନେ ଜାତୀୟ ରାଜପଥ ଅବରୋଧ କରି ଦୋକାନ ତିଆରି କରିବା ସହ ଭଡ଼ା ଦେଇଥିବା ଜିଲା ପ୍ରଶାସନ ନିକଟରେ ଅଭିଯୋଗ ହୋଇଛି। ଗାନ୍ଧି ଛକରେ ଜାତୀୟ ରାଜପଥର ୧୨୦ ଫୁଟ ଓସାର ପରିବର୍ତ୍ତେ ମାତ୍ର ୬୬ ଫୁଟ ରହିଥିବା ବେଳେ ଏମ.ଜି ରୋଡ ପଟୁ ପୌରପରିଷଦର ୧୦ ଫୁଟ ରାସ୍ତା ଜବରଖଲକାରୀଙ୍କ ଅକ୍ତିଆରେ ରହିଛି । ଗାନ୍ଧୀ ଛକର ସରକାରୀ ଜମିରେ ଗଢି ଉଠିଥିବା ଏହି ଦୋକାନଗୁଡ଼ିକୁ ସମୂହ ସ୍ୱାର୍ଥ ଦୃଷ୍ଟିରୁ ଉଚ୍ଛେଦ କରିବାକୁ ବିଭିନ୍ନ ସଂଗଠନ ଦାବି କରିଛନ୍ତି । ଜାତୀୟ ରାଜପଥରେ ବହୁ ମାଲ ବୋଝେଇ ଟ୍ରକ, ଡମ୍ପର, ଟ୍ରଲର୍ ପାର୍କିଂ ହେଉଥିବାରୁ ଦୁର୍ଘଟଣା ଘଟୁଛି । ରାସ୍ତା ଉପରେ ବସ୍, କାର୍, ବାଇକ୍, ଅଟୋ ଆଦି ପାର୍କିଂ କରୁଛନ୍ତି । ଏଥିପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ପୁନଃ ଆରମ୍ଭ ହୋଇଛି।

**୪ରୁ ଅଭିଯାନ ଆରମ୍ଭ**



ଜବରଦଖଲ କବଳରେ ୨୬ ନଂ. ଜାତୀୟ ରାଜପଥ ।

## ଶିବିରରେ ୯୫ ୟୁନିଟ ରକ୍ତ ସଂଗ୍ରହ

**କୋରାପୁଟ,୨୪।୯( ସ୍ୱ.ପ୍ର.)**

କୋରାପୁଟ ଇଣ୍ଡିଆନ ମେଡିକାଲ ଆସୋସିଏଶନ ଓ କୋରାପୁଟ ୟୁଥ ଆସୋସିଏଶନର ମିଳିତ ସହଯୋଗରେ କୋରାପୁଟ ମେଡିକାଲ କଲେଜ ପରିସରସ୍ଥିତ ରକ୍ତ ଭଣ୍ଡାରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରେ ମୋଟ ୯୫ ୟୁନିଟ ରକ୍ତ ସଂଗ୍ରହ କରାଯାଇଛି। କୋରାପୁଟ ବ୍ଲଡ ବ୍ୟାଙ୍କରେ ରକ୍ତର ଅଭାବକୁ ଦୃଷ୍ଟିରେ ରଖି ଏହି ରକ୍ତଦାନ ଶିବିର ଜରୁରୀ ଭାବେ ଆୟୋଜନ କରାଯାଇଥିଲା। କୋରାପୁଟ ବ୍ଲଡ ବ୍ୟାଙ୍କ ଅଧିକାରୀ ଡାକ୍ତର ରତିକାନ୍ତ ଖଟୁଆଙ୍କ ତତ୍ତ୍ୱାବଧାନରେ କରାଯାଇଥିବା ଶିବିରରେ କୋରାପୁଟ ରେଞ୍ଜର ସୁବାସ ଚନ୍ଦ୍ର ଖୁଣ୍ଟିଆ ରକ୍ତଦାନ କରି ଏହାକୁ ଶୁଭାରମ୍ଭ କରିଥିଲେ। ୟୁଥ ଆସୋସିଏଶନ ଯୁବକ, ଇଣ୍ଡିଆନ ମେଡିକାଲ ଆସୋସିଏଶନର ଡାକ୍ତର, ବନ ବିଭାଗର କର୍ମଚାରୀ ଓ ସାମାଜିକ କର୍ମୀମାନେ ରକ୍ତ ଦାନ କରିଥିଲେ। ଉଦିତ ସାହୁ, ତପନ ଭତ୍ରା, ରାଜେଶ ଯାଦବ, ସଞ୍ଜୟ ସିଂ, ଟି. ଗଙ୍ଗାଧର, ବୁଲୁ ଗୌଡ, ବିଶ୍ୱୟନି ନାୟକ ଏଲ୍.କେ ଗାଇନି, କେ.ଜେ ରିନା, ରାଜେଶ ଯାଦବ, ଜାମି ସନ୍ତୋଷ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ଦୋଳନ ସହିତ ଶିକ୍ଷାଦାନ

**କୋରାପୁଟ/ସେମିଳିଗୁଡା,୨୪/୯( ସ୍ୱ,ପ୍ର)**

ବିଭିନ୍ନ ଦାବି ନେଇ ଓଡିଶା ସ୍କୁଲ ଓ କଲେଜ ମିଳିତ ମଞ୍ଚ ପକ୍ଷରୁ ଚାଲିଥିବା ଆନ୍ଦୋଳନ ୪୦ରୁ ଅଧିକ ଦିନରେ ପହଞ୍ଚିଛି। ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରିବା ନିମନ୍ତେ ଆନ୍ଦୋଳନ ଛାଡ଼ି ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ଦେଖାଯାଇଛି। କୋରାପୁଟ ଜିଲାର ସେମିଳିଗୁଡ଼ା ବ୍ଲକର ରେଙ୍ଗା ପଞ୍ଚାୟତସ୍ଥ ରାଜୀବ ଗାନ୍ଧୀ ଉଚ୍ଚ ବିଦ୍ୟାଳୟରେ ଏପରି ଦେଖିବାକୁ ମିଳିଛି । ଶିକ୍ଷକଙ୍କ ଏଭଳି ପଦକ୍ଷେପକୁ ଅଭିଭାବକ ମହଲରେ ସ୍ୱାଗତ କରାଯାଇଛି । ମାଟ୍ରିକ ପରୀକ୍ଷା ଆଉ ଅଳ୍ପ ମାସ ବାକି ରହିଛି। ସେହି ଅନୁସାରେ ଦଶମ ଶ୍ରେଣୀର ସମସ୍ତ ବିଷୟ ଶେଷ କରିବାକୁ ଶିକ୍ଷକମାନେ ସମ୍ବେଦନଶୀଳ ହୋଇଛନ୍ତି। ପରୀକ୍ଷାରେ ଛାତ୍ରୀଛାତ୍ରଙ୍କ ସଫଳତା ପାଇଁ ଶିକ୍ଷକମାନେ ପାଠପଢାଉଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମଧୁସୂଧନ ଜେନା ପ୍ରକାଶ କରିଛନ୍ତି। ସୂଚନା ଥାଉ କି, ବିଦ୍ୟାଳୟରେ ମୋଟ ୧୪୦ ଜଣ ଛାତ୍ରୀଛାତ୍ର ରହିଥିବାବେଳେ ସେଥିରୁ ୭୩ ଜଣ ହଷ୍ଟେଲରେ ରହି ପାଠପଢୁଛନ୍ତି। ଅନ୍ୟ ଛାତ୍ରୀଛାତ୍ର ଡେ' ସ୍କଲାର ଭାବେ ପାଠ ପଢୁଛନ୍ତି। ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସମେତ ମୋଟ ୭ ଜଣ ଶିକ୍ଷୟିତ୍ରୀ ଓ ଶିକ୍ଷକ ରହିଥିବାବେଳେ ସେମାନଙ୍କ ନିଜର ବିଭିନ୍ନ ଦାବି ନେଇ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ଆନ୍ଦୋଳନ ଜାରି ରଖିଛନ୍ତି।

## ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ଏମ୍‌ପିଙ୍କ ସମର୍ଥନ



ରାଜ୍ୟ ସଭା ସଦସ୍ୟଙ୍କ ସହ ଆଇନଜୀବୀ ସଂଘ ସଦସ୍ୟମାନେ।

**ଜୟପୁର,୨୪।୯(ଡି.ଏନ୍.ଏ. )**

ଅବିଭକ୍ତ କୋରାପୁଟ ଜିଲାରେ ହାଇକୋର୍ଟରେ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିକୁ ରାଜ୍ୟ ସଭା ସଦସ୍ୟ ଏନ. ଭାସ୍କର ରାଓ ସମର୍ଥନ ଜଣାଇଛନ୍ତି। କୋରାପୁଟ ଜିଲା ଜୟପୁରସ୍ଥିତ ଜିଲା ଆଇନଜୀବୀ ସଂଘ ପକ୍ଷରୁ ଜୟପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା କରିବା ନେଇ ଦାବି ଜୋରଦାର ହୋଇଛି। ଗତ ୧୯ ତାରିଖରେ ଏ ନେଇ ସଂଘର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲା ସଂଘ ପକ୍ଷରୁ ଦୁଇଟି ଦଳ ଗଠନ କରାଯାଇ ଅବିଭକ୍ତ କୋରାପୁଟ ଜିଲାର ଲୋକ ସଭା ଓ ରାଜ୍ୟ ସଭା ଏମ୍‌ପି, ବିଧାୟକଙ୍କଠାରୁ ସେମାନଙ୍କ ଦାବି ସମର୍ଥନ କରୁଥିବା ନେଇ ସମର୍ଥନ ପତ୍ର ହାସଲ କରିବାକୁ ଗୋଟିଏ ଦଳକୁ ଦାୟିତ୍ୱ ଦିଆଯାଇଛି। ରବିବାର ଉକ୍ତ ଦଳ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓଙ୍କୁ ତାଙ୍କ ରାୟଗଡାସ୍ଥିତ ବାସଭବନରେ ସାକ୍ଷାତ୍ କରିବା ସହିତ ସମର୍ଥନ ପତ୍ର ଗ୍ରହଣ କରିଥିଲେ। ଏହି ଅବସରରେ ଜୟପୁର ଜିଲା ସଂଘ ଉପସଭାପତି ଶରତ ମାଝି, ସହସଂପାଦକ ଗିରିଧର ଖରା, କୋଷାଧକ୍ଷ ହରିଶ ମୁଦୁଲି, ବରିଷ୍ଠ ଆଇନଜୀବୀ ପ୍ରଭାକର ପଟ୍ଟନାୟକ, ମୁନା ସିଂଲାଲ, ନଳିନୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ପୁସ୍ତକ ଲୋକାର୍ପଣ ସମାରୋହ

**ଜୟପୁର ୨୪।୯(ନି.ପ୍ର)**

ଜୟପୁର ଏମ୍.ଜି ରୋଡ ସ୍ଥିତ ଡାଇଟ୍‌ଠାରେ ପୁସ୍ତକ ଲୋକାର୍ପଣ ସମାରୋହ ଅନୁଷ୍ଠିତ ହୋଇଛି । କବି କୃଷ୍ଣଚନ୍ଦ୍ର ହୋତାଙ୍କ ପୁସ୍ତକ ଲୋକର୍ପଣ ସମାରୋହରେ ଡ. ସୁରେଶ ଦାସ , ଯଜ୍ଞେଶ୍ୱର ପଣ୍ଡା ଅତିଥିଭାବେ ଉପସ୍ଥିତ ଥିଲେ। ହର୍ଷିତା ପଟ୍ଟନାୟକ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବା ବେଳେ ଅଶୋକ ମହାରଣା ଅତିଥିଙ୍କ ପରିଚୟ ପ୍ରଦାନ କରଥିଲେ । ଅତିଥିଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ ହୋଇଥିଲା। ଅତିଥିମାନେ କୃଷ୍ଣ ଚନ୍ଦ୍ର ହୋତାଙ୍କ ପୁସ୍ତକ ସମ୍ପର୍କିତ ସୂଚନା ଦେଇଥିଲେ । ଏଥିରେ ପ୍ରଭୁଦାନ ଭତ୍ରା, ନୀଳାଞ୍ଚଳ ପ୍ରଧାନ ଉପସ୍ଥିତ ରହିଥିବାବେଳେ ଡ. ମନୋରଞ୍ଜନ ପ୍ରଧାନ ମୁଖ୍ୟବକ୍ତା ଭାବେ ବକ୍ତବ୍ୟ ରଖିଥିଲେ । ପୁସ୍ତକ ସମ୍ପର୍କରେ ସୁବାସ ଚନ୍ଦ୍ର ମିଶ୍ର, ଉଦୟ ଚନ୍ଦ୍ର ମିଶ୍ର, ଡ. ପ୍ରଦୀପ କୁମାର ମିଶ୍ର ଆଲୋଚନା କରିଥିଲେ। ଏହି ସମାରୋହରେ ହରିହର କରସୁଧା ପଟ୍ଟନାୟକ ସଭାପତିତ୍ୱ କରିଥିବା ବେଳେ ଦେବୀ ପ୍ରସାଦ ହୋତା ଧନ୍ୟବାଦ ଅର୍ପଣ କରିଥିଲେ ।

# କୁକୁଡ଼ା ଥାପା ଦେଇଛି ବଞ୍ଚିବାର ପନ୍ଥା

**କୁନ୍ଦୁରା,୨୪।୯(ଡି.ଏନ୍.ଏ.)**

**୨୦ ବର୍ଷରୁ ଊର୍ଦ୍ଧ୍ୱ ହେଲାଣି ପେସା**



କୁକୁଡ଼ା ଥାପା ତିଆରି କରୁଛନ୍ତି ହରିହର କଣ୍ଡୁଲିଆ ।

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ନବଗଠିତ ଫୁପୁଗାଁ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଯୁବାପାତ୍ରପୁଟ ଗ୍ରାମର ହରିହର କଣ୍ଡୁଲିଆଙ୍କୁ ଦୀର୍ଘ ୨୦ ବର୍ଷ ହେଲା କୁକୁଡ଼ା ଥାପା ଦେଇଛି ଜୀବନ ଜିଇଁବାର ପନ୍ଥା । ସେ ଆଦିବାସୀ (ଭୂମିଆ) ଜାତିର ହୋଇଥିବା ବେଳେ ସବୁବେଳେ ଦେହ ଅସୁସ୍ଥ ରହିବାର କାରଣରୁ ସେ କୁଲି କାର୍ଯ୍ୟ କରି ନ ପାରି ଏଭଳି ପନ୍ଥା ଆପଣାଇ ପରିବାର ଚଳାଉଥିବା ଦେଖିବାକୁ ମିଳିଛି । ସ୍ୱାମୀ ସ୍ତ୍ରୀ, ଦୁଇ ପୁଅ ଏବଂ ୩ ଝିଅଙ୍କୁ ନେଇ ତାଙ୍କ ସଂସାର । ମାଇଁ କୁକୁଡା ଛୁଆ ହେବାର ପ୍ରାୟ ୧୫ ଦିନ ପରେ ଦରକାର ପଡ଼ିଥାଏ ଏହି କୁକୁଡା ଥାପା । ପୂର୍ବରୁ ବାଉଁଶରେ ତିଆରି ହେଉଥିବା ବେଳେ ବର୍ତ୍ତମାନ ମଧ ଏହା ବାଉଁରେ ତିଆରି ହେଉଛି। ଗୋଟିଏ ବାଉଁଶରେ ପାଖାପାଖି ୨ଟି କୁକୁଡା ଥାପ୍ପା ତିଆରି ହେଉଥିବା ହରିହର କହିଛନ୍ତି । ୫ରୁ ୬ ବର୍ଷ ପୂର୍ବେ ବାଉଁଶର ମୂଲ୍ୟ ୧୫ରୁ ୨୦ ଟଙ୍କା ଥିବା ବେଳେ ବର୍ତ୍ତମାନ ୮୦ରୁ ୧୨୦ ରହିଛି । ଦିନ ତମାମ ଲାଗିଲେ ୨ଟି ଥାପା ତିଆରି ହୋଇପାରୁଛି। ପାରିଶ୍ରମିକ ବାବଦକୁ ତାଙ୍କୁ କିଛି ଟଙ୍କା ମିଳୁଛି । କୋରାପୁଟ ଜିଲାର ଗ୍ରାମାଞ୍ଚଳଗୁଡିକରେ ପ୍ରତ୍ୟେକ ଆଦିବାସୀ, ହରିଜନ ଘରଗୁଡିକରେ କୁକୁଡ଼ା ପାଳନ ହେଉଥିବାରୁ ଏହି ଥାପାର ଚାହିଦା ରହିଛି। ଏଥିପାଇଁ ଲୋକେ ସାପ୍ତାହିକ ହାଟ ଉପରେ ନିର୍ଭର କରୁଥିଲେ । ହରିହରଙ୍କ ଏଭଳି ଏକ ପେଷା ଦେଖି ବିଭିନ୍ନ ଗ୍ରାମରୁ ଲୋକେ ଆସି ତାଙ୍କଠୁ କିଣିବା ସହ ଅଗ୍ରୀମ ବରାଦ ମଧ୍ୟ ଦେଇଥାନ୍ତି । ସେହଭଳି ଧାନ ରଖୁଥିବା କୁଲକି , ଚାଙ୍ଗୁଡି, ଛାଟନା, ଡ଼ାଲା, ଡାଙ୍ଗଳା ଏବଂ କୁଲା ଭଳି ବାଉଁଶରେ ତିଆରି ବିଭିନ୍ନ ସାମଗ୍ରୀ ଯଦି ଅଗ୍ରୀମ ବରାଦ ହୁଏ ତେବେ ସେଗୁଡ଼ିକ ତିଆରି କରୁଛି ବୋଲି ହରିହର କହିଛନ୍ତି । ରହିବା ନିମନ୍ତେ ସରକାରୀ ଭାବେ ଘର ଖଣ୍ଡେ ମିଳିଥିବା ବେଳେ ସରକାରୀ ସହାୟତା ଯଦିଓ ମିଳିପାରନ୍ତା ତା'ହେଲେ ପେଷାକୁ ଦୀର୍ଘ ଦିନ ପର୍ଯ୍ୟନ୍ତ ଚଳାଇବା ସମ୍ଭବ ହେବା ସହ ଜଣେ ସ୍ୱାବଲମ୍ବୀ କାରିଗର ଭାବେ ପରିଚୟ ମିଳିପାନ୍ତା ବୋଲି ସେ କହିଛନ୍ତି ।

ଧରିତ୍ରୀ
DHARITRI
ରାୟଗଡା, ମଙ୍ଗଳବାର, ୨୫ ସେପ୍ଟେମ୍ବର, ୨୦୧୮



## ସଂକ୍ଷେପରେ

### ସୁକ୍ଷମ ଖାଦ୍ୟରେ ପୋକ ବାହାରିବା ଘଟଣାର ତଦନ୍ତ

ତେନ୍ତୁଳିଖୁଣ୍ଟି, ୨୪।୯(ଡି.ଏନ.ଏ.)- ନବରଙ୍ଗପୁର ଜିଲା ମଝାଗାଁ ପଞ୍ଚାୟତ ବଙ୍ଗଳାଗୁଡା ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ୧୫ତାରିଖରେ ହିତାଧିକାରୀଙ୍କୁ ଦିଆଯାଇଥିବା ସୁକ୍ଷମ ଖାଦ୍ୟ ସୁଜି ଓ ବାଦାମ ଲଡୁରୁ ପୋକ ବାହାରିବା ଘଟଣାର ଶନିବାର ତଦନ୍ତ କରାଯାଇଛି। ଜିଲା ସମାଜ ମଙ୍ଗଳ ଅଧିକାରୀ ନିମାଇଁ ଚରଣ ସ୍ୱର୍ଣ୍ଣକାର ଓ ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ ବଙ୍ଗଳାଗୁଡାର ବିଭିନ୍ନ ଅଙ୍ଗନୱାଡି କେନ୍ଦ୍ର ଯାଇ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଇଥିବା ଲଡୁ, ସୁଜି ଏବଂ ଛତୁଆ ଯାଞ୍ଚ କରିଥିଲେ। ପୁରୁଣା ଓ ନୂଆ ଛତୁଆ, ଲଡୁ ଓ ସୁଜିକୁ ମିଶାମିଶି କରି ନୂତନ ପ୍ୟାକିଂ ଡେଟ ପକାଇ ଦିଆଯାଇଥିବା ଦୃଷ୍ଟିକୁ ଆସିଛି ବୋଲି ଶିଶୁବିକାଶ ପ୍ରକଳ୍ପ ଅଧିକାରୀ ବିନୋଦିନୀ ପଟ୍ଟନାୟକ କହିଛନ୍ତି। ଖାଦ୍ୟ ଯୋଗାଣ କରୁଥିବା ସ୍ୱୟଂ ସହାୟକ ଦଳକୁ କାରଣ ଦର୍ଶାଅ ନୋଟିସ ଦେବା ସହ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପଟ୍ଟନାୟକ କହିଛନ୍ତି।

### ବରିଷ୍ଠ ନାଗରିକ କାର୍ଯ୍ୟକାରିଣୀ ବୈଠକ

ନବରଙ୍ଗପୁର,୨୪।୯(ବି.ପ୍ର.)- ବରିଷ୍ଠ ନାଗରିକ କମିଟିର ଏକ କାର୍ଯ୍ୟାକାରିଣୀ ବୈଠକ ଅନୁଷ୍ଠିତ ହୋଇ ଯାଇଛି। କମିଟିର ସଭାପତି ଡଃ. ରାଧାନାଥ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସାଧାରଣ ସମ୍ପାଦକ ବି. ରାମମୂର୍ତ୍ତି ପଟ୍ଟନାୟକ ପୂର୍ବ ବୈଠକର ବିବରଣି ପାଠ କରିଥିଲେ। ଆଗାମି ଦିନରେ ଲୋକ ତଥା ସମାଜ କଲ୍ୟାଣ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ଣ ଚନ୍ଦ୍ର ମହାଖୁଡ, ଦ୍ୱାରିକାନାଥ ଷଡଙ୍ଗୀ, ଲକ୍ଷ୍ମିକାନ୍ତ ମିଶ୍ର, ପ୍ରେମଚାନ୍ଦ ପଟ୍ଟନାୟକ, ଡାକ୍ତର ଶଙ୍କର ଜୈନ, ଚନ୍ଦ୍ର ପ୍ରକାଶ ଆଚାର୍ଯ୍ୟ, ନିରଞ୍ଜନ ମିଶ୍ର, ଗୀତାରାଣୀ ପଟ୍ଟନାୟକ, ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

### ୧୮ ଅଭିଯୋଗ ଶୁଣାଣି

ତେନ୍ତୁଳିଖୁଣ୍ଟି,୨୪।୯(ଡି.ଏନ.ଏ)- ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ସୋମବାର ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ଅନୁପସ୍ଥିତିରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଲକ୍ଷ୍ମୀଧର ଦାଶ ଅଭିଯୋଗ ଶୁଣିଥିଲେ। ଶିକ୍ଷକଙ୍କ ବଦଳି ସମ୍ବନ୍ଧୀୟ, ଜଙ୍ଗଲ ଜମି ପଟ୍ଟା, କନ୍ହେଇମୁଣ୍ଡାରେ ଅତିରିକ୍ତ ଶ୍ରେଣୀଗୃହ ନିର୍ମାଣ, ଅଞ୍ଚଳଗୁମ୍ମା-ବାମନାଗୁଡା ରାସ୍ତା ମରାମତି ଅଭିଯୋଗ ହୋଇଥିଲା। ତୁରନ୍ତ ପଦକ୍ଷେପ ନେବାକୁ ପ୍ରକଳ୍ପ ନିର୍ଦ୍ଦେଶକ ସମ୍ପୃକ୍ତ ଅଧିକାରୀଙ୍କୁ ଚିଠି କରିଥିଲେ। ସେହିଭଳି ଛତୁଆ, ସୁଜି ଓ ବାଦାମ ଲଡୁ ବଣ୍ଟନର ତଦନ୍ତ କରାଯିବାକୁ ଲୋକମାନେ ଜଣାଇଥିଲେ। ତଦନ୍ତ କରି ଜିଲାପାଳଙ୍କୁ ତୁରନ୍ତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଥିଲେ।

### ପୂର୍ବତନ ବିଧାୟକ ଜଗବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

ଉମରକୋଟ,୨୪।୯(ଡି.ଏନ.ଏ)- ପୂର୍ବତନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝୀଙ୍କ ଶ୍ରାଦ୍ଧଦିବସରେ ଉମରକୋଟ ଶ୍ମଶାନଠାରେ ଥିବା ତାଙ୍କ ସମାଧୀ ପୀଠରେ ଶ୍ରଦ୍ଧାଞ୍ଜଳୀ ଦିଆଯାଇଥିଲା। ବିଧାୟକ ସୁବାସ ଗଣ୍ଡ, ଏମପି ପ୍ରତିନିଧି କାଳୁ ପଣ୍ଡାଙ୍କ ସହ ଦଳୀୟ କର୍ମୀ ସମାଧି ପୀଠକୁ ଯାଇ ପୁଷ୍ପମାଲ୍ୟ ଦେଇଥିଲେ। ସେହିପରି ଜଗବନ୍ଧୁଙ୍କ ପରିବାର ଲୋକ ମଧ ସମାଧୀ ସ୍ଥଳକୁ ଯାଇ ଶ୍ରଦ୍ଧାଞ୍ଜଳୀ ଦେଇଥିଲେ।

■ ନିର୍ମାଣକୁ ବିତିଲା ୨ମାସ

# ଭୁଶୁଡ଼ିଲା ଚେକ୍‌ଡ୍ୟାମ

■ନିମ୍ନମାନର ହୋଇଥିବା ଅଭିଯୋଗ
■ଚାଷୀଙ୍କ ସ୍ୱାର୍ଥ ପ୍ରତି ଦିଆଯାଇନି ଗୁରୁତ୍ୱ

ନବରଙ୍ଗପୁର,୨୪।୯(ବି.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକରେ ଚାଷୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ନିର୍ମାଣ ହୋଇଥିବା ଚେକ ଡ୍ୟାମ ନିର୍ମାଣ କାର୍ଯ୍ୟ ଶେଷ ହେବାର ୨ ମାସ ମଧ୍ୟରେ ଭୁଶୁଡି ଯାଉଛି। ଏପରିକି ନାମ ଫଳକ ଓ କେଉଁ ବିଭାଗର କାର୍ଯ୍ୟ ତାହା ଉଲ୍ଲେଖ କରାଯାଇ ନ ଥିବାରୁ ସ୍ଥାନୀୟ ଚାଷୀ କାହାକୁ ଅଭିଯୋଗ କରିବେ ତାହା ଜାଣି ପାରୁ ନାହାନ୍ତି। ଲକ୍ଷାଧିକ ଟଙ୍କାର ଚେକଡ୍ୟାମ ନିମ୍ନମାନର କାମ ଲାଗି ଏଭଳି ଅବସ୍ଥା ହୋଇଛି ବୋଲି ଚାଷୀ ଅଭିଯୋଗ କରିଛନ୍ତି। ତଳମୁଣ୍ଡରେ ଚେକଡ୍ୟାମର ଦୁଇ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ୫୦ ହେକ୍ଟର ଚାଷ ଜମିକୁ ଜଳସେଚିତ କରାଇବା ପାଇଁ ଏହା ନିର୍ମାଣ କରାଯାଇଥିଲା। କିନ୍ତୁ ନିମ୍ନମାନର କାର୍ଯ୍ୟ ଯୋଗୁ ଚାଷୀଙ୍କ ସ୍ୱାର୍ଥ ହାସଲ ହୋଇ ପାରିବ ନାହିଁ ବୋଲି ଗ୍ରାମବାସୀ ଓ ଚାଷୀମାନେ ଅଭିଯୋଗ କରିଛନ୍ତି।


ଭୁଶୁଡି ପଡିଥିବା ଚେକ୍‌ଡ୍ୟାମ।

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ମେଦନା-ପୂଜାରିଗୁଡା ନିକଟବର୍ତ୍ତି ବେଲାରି ନଦୀରେ ଚଳିତ ବର୍ଷ ବର୍ଷା ପୂର୍ବରୁ ଚେକ ଡ୍ୟାମ ନିର୍ମାଣ ହୋଇଥିଲା। ଠିକାଦାର କାମକରିବା ସମୟରେ ସ୍ଥାନୀୟ ଲୋକେ ଓ ଲୋକପ୍ରତିନିଧିମାନେ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ କରିଥିଲେ। ବୈଷୟିକ ପରାମର୍ଶ କର୍ମଚାରୀ ଅନୁପସ୍ଥିତିରେ ଠିକାଦାର ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିଥିଲେ। ଏହାକୁ ଲୋକେ ବିରୋଧ କରିଥିଲେ ମଧ କେଉଁ ବିଭାଗର ଜଣେ ହେଲେ ମଧ ଯନ୍ତ୍ରୀ ଉକ୍ତ କାର୍ଯ୍ୟ ତଦାରଖ କରିବାକୁ ଆସି ନ ଥିଲେ। ଚେକଡ୍ୟାମ ନିର୍ମାଣ ଡିଜାଇନର ଉଲ୍ଲଘନ ହୋଇଥିବା ଓ ମୂଳଦୂଆ ଯେଉଁ ନିୟମ ପ୍ରକାରେ କରାଯିବା ଆବଶ୍ୟକ ତାହା ହୋଇନାହିଁ। ମେଟାଲ ପରିବର୍ତ୍ତେ ପଥର ଓ ତାହା ଉପରେ କିଛି ସିମେଣ୍ଟ କଂକ୍ରିଟ କରାଯାଇଛି। ଯାହାଫଳରେ ନିର୍ମାଣର ୨ ମାସ ମଧ୍ୟରେ ଏହା ଧୋଇ ହୋଇ ଯାଉଛି। ଫଳରେ ଉପରମୁଣ୍ଡରେ ପାଣି ସଂରକ୍ଷିତ ରହୁନଥିବାରୁ ତଳମୁଣ୍ଡରେ ପାଣି ବ୍ୟବହାର ପାଇଁ ଚାଷୀ ହଇରାଣ ହେଉଛନ୍ତି। ମରୁଡି ଓ ଫସଲ ହାନୀ ସମୟରେଏହି ଚେକଡ୍ୟାମ ଚାଷୀଙ୍କୁ ସହାୟକ ହେବ ବୋଲି ଉଦେଶ୍ୟ ଥିଲା। ଶୀତ ଦିନରେ ପରିବା ଚାଷରେ ପାଣି ପାଇଁ ଏହା ସହାୟକ ହେବ ବୋଲି ଚାଷୀମାନେ ଆଶା ବାନ୍ଧିଥିଲେ। ତାହା ଏବେ ମଉଳି ଯାଇଛି। ଏଥିପ୍ରତି ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଚାଷୀ ଦାବି କରିଛନ୍ତି।

### ଚାଷୀ କ'ଣ କୁହନ୍ତି


"ବିଭାଗ ଓ ଠିକାଦାର ଲାଭ ପାଇଁ ଚେକ ଡ୍ୟାମ ନିର୍ମାଣ କରାଯିବା ଭଳି ଲାଗୁଛି। ନିର୍ମାଣର ୨ ମାସ ମଧ୍ୟରେ ଚେକଡ୍ୟାମ ନଷ୍ଟ ହୋଇଲାଣି। ଏବେ ମରାମତି ନାଁରେ ପୁଣି ଠିକାଦାରଙ୍କୁ ବିଭାଗ ଲାଭ ଯୋଗାଇବ ଏହା ଜଣାପଡୁଛି। ଜିଲାପାଳ ଏଦିଗରେ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ। **-ମକରନ୍ଦ ମାଝୀ, ଚାଷୀ**


"ଚେକ ଡ୍ୟାମ ନାମ ଫଳକ ନାହିଁ। ଅଟକଳ ମୂଲ୍ୟ ଓ କେଉଁ ବିଭାଗ କାମ କରିଥିଲା ତାହାର କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏନେଇ କେଉଁ ବିଭାଗକୁ ଅଭିଯୋଗ କରାଯିବ ତାହା ଚାଷୀ ମଧ ଜାଣି ପାରୁନାହାନ୍ତି। ଚେକ ଡ୍ୟାମ ନିର୍ମାଣ ପରେ ଏହାର ସ୍ଥିତାବସ୍ଥା କିଭଳି ରହିଛି ଅନୁଧ୍ୟାନ କରାଯିବାକୁ ମଧ୍ୟ କୌଣସି ଅଧିକାରୀଙ୍କ ପାଦ ପଡିନାହିଁ। ଏନେଇ ଜିଲାପାଳଙ୍କୁ ଅଭିଯୋଗ କରାଯିବ। **-ଦିନବନ୍ଧୁ ମାଝୀ, ଚାଷୀ**


"ଏଭଳି ଚେକଡ୍ୟାମ ନିର୍ମାଣ କରାଯାଏ ତେବେ ତଳମୁଣ୍ଡରେ ଚାଷୀ ହତାସ ହେବା ବ୍ୟତୀତ ଅନ୍ୟବାଟ ନାହିଁ। ତଳମୁଣ୍ଡରେ ୫୦ ହେକ୍ଟର ଚାଷ ଜମି ରହିଛି। ଏହି ପାଣି ଉଠାଇ ଚାଷୀ ପନିପରିବା, ମକା, ଧାନ ଚାଷ କରିବାକୁ ଆଶା ବାନ୍ଧିଥିଲେ ତାହା ମଉଳି ଗଲାଣି। ଏହା କାହାସ୍ୱାର୍ଥ ପାଇଁ କରାଯାଇଛି ତାହା ତଦନ୍ତ ସାପେକ୍ଷ। **- ଶଶିଧର ମାଝୀ, ଚାଷୀ**


"ଚାଷୀଙ୍କ ପାଇଁ ନିର୍ମାଣ ହେଉଛି ଚେକ ଡ୍ୟାମ। ତାହା ପୁଣି ନିମ୍ନମାନର। ୨ ମାସ ମଧ୍ୟରେ ଏହାର ସ୍ଥାୟିତ୍ୱ ହରାଇ ବସିଲାଣି। ଆଗାମୀ ବର୍ଷକ ମଧ୍ୟରେ ଏହା ସମ୍ପୂର୍ଣ୍ଣ ଭୁଷୁଡି ପଡିବ। ଯେଉଁ ବିଭାଗ ଏହି କାମ କରିଛି ବାସ୍ତବରେ ଏହି କାର୍ଯ୍ୟ କେତେଦୂର ଠିକ ହୋଇଛି ତାହାର ତର୍ଜମା କରିବା ଆବଶ୍ୟକ। ଏଭଳି ନିମ୍ନମାନର କାର୍ଯ୍ୟ ଉପରେ ଭିଜିଲାନ୍ସ ବିଭାଗର ନଜର ପଡିବା ଜରୁରୀ। **-ତୁଳାରାମ ଗୌଡ, ଚାଷୀ**

### ସ୍ୱର୍ଗତ ବିଧାୟକ ଜଗବନ୍ଧୁ ମାଝିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ

ରାଇଘର ,୨୪।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକର ମିନି ଷ୍ଟାଡିୟମରେ ସ୍ୱର୍ଗତ ବିଧାୟକ ଜଗବନ୍ଧୁ ମାଝିଙ୍କ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଯାଇଛି। ଏଥିରେ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝି, ରାଜ୍ୟସଭା ଏମ୍‌ପି ସୌମ୍ୟରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ସଞ୍ଜୟ ଦାସବର୍ମା, ଏମ୍‌ପି ବଳଭଦ୍ର ମାଝି, ନବରଙ୍ଗପୁର ବିଧାୟକ ମନୋହର ରନ୍ଧାରୀ, ଜିଲା ବିଜେଡି ସଭାପତି ଅର୍ଜୁନ ତ୍ରିପାଠି, ଜିଲା ପ୍ରତିନିଧି ପ୍ରମୋଦ ପାଢ଼ୀ, ଚଳଚିତ୍ର ନିଗମର ଅଧକ୍ଷ ମୁନ୍ନା ଖାଁ, ଉମରକୋଟ ବିଧାୟକ ସୁବାସ ଗଣ୍ଡ, ଜିଲା ପରିଷଦ ଅଧକ୍ଷା ଭଗବତୀ ଭତ୍ରା, ଉପାଧକ୍ଷା ନିବେଦିତା ମହାନ୍ତି ନବୀନା ନାୟକ, ମଞ୍ଜୁଳା ମାଝି ପ୍ରମୁଖ ଗୋନାସ୍ଥିତ ଜଗବନ୍ଧୁ ମାଝିଙ୍କ ଶହୀଦ ସ୍ତମ୍ଭରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ରାଇଘର ମିନିଷ୍ଟାଡିୟମଠାରେ ଆୟୋଜିତ ସାଧାରଣ ସଭାରେ ବକ୍ତାମାନେ ସ୍ୱର୍ଗତ ଜଗବନ୍ଧୁ ମାଝିଙ୍କ ସ୍ମୃତିଚାରଣ କରିଥିଲେ। ରାଇଘର ବିଜେଡି ପକ୍ଷରୁ ରାଇସିଂ ଗଣ୍ଡ, ପ୍ରଭବ ଭୂୟାଁ, ଚିତ୍ତରଞ୍ଜନ ଗଣ୍ଡ, ସନରାଜ ଗଣ୍ଡ, ରାମନାଥ କେଉଟ, ଫୁଲସିଂ ଗଣ୍ଡଙ୍କ ସମେତ ବହୁ ଦଳୀୟ କର୍ମୀ ଶହୀଦଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ରାଇଘର ବ୍ଲକ ଗୋନା ହାଟପଦାରେ ୨୦୧୧ ମସିହା ସେପ୍ଟେମ୍ବର ୨୪ ତାରିଖ ରେ ତତ୍କାଳୀନ ବିଧାୟକ ସ୍ୱର୍ଗତ ଜଗବନ୍ଧୁ ମାଝି ଜମିପଟା ବଣ୍ଟନ କରୁଥିବା ବେଳେ ଅଜଣା ଆତତାୟୀଙ୍କ ଗୁଳିରେ ପ୍ରାଣ ହରାଇଥିଲେ।

## ଶହୀଦ ପ୍ରଶାନ୍ତଙ୍କ ଶ୍ରାଦ୍ଧଦିବସ ପାଳିତ

**ସମସ୍ତ କ୍ଷତିପୂରଣ ମିଳି ନଥିବାରୁ ଅନଶନରେ ବସିବେ ଶହୀଦଙ୍କ ପିତା**


ଶ୍ରାଦ୍ଧ ଦିବସରେ ଉପସ୍ଥିତ ଗ୍ରାମବାସୀ ଓ ଅତିଥିମାନେ।

କୋଷାଗୁମୁଡା,୨୪।୯(ଡି.ଏନ.ଏ.)

ନବରଙ୍ଗପୁର ଜିଲା କୋଷାଗୁମୁଡା ବସଷ୍ଟାଣ୍ଡଠାରେ ସୋମବାର ଶହୀଦ ପ୍ରଶାନ୍ତ ପାତ୍ରଙ୍କ ଶ୍ରାଦ୍ଧଦିବସ ପାଳନ କରାଯାଇଥିଲା। ସମସ୍ତ ଅତିଥି ଏବଂ ଗ୍ରାମବାସୀ ପ୍ରଶାନ୍ତଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଶହୀଦ ସ୍ମୃତି ସଂସଦ ଅଧକ୍ଷ ମୁନା ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟଅତିଥି ଭାବେ ଡାବୁଗାଁ ବିଧାୟକ ଭୁଜବଳ ମାଝି, ଏପିଡି ରତ୍ନାକର ସାହୁ, ଡିପିଓ ବସନ୍ତ କୁମାର ପାତ୍ର, ବ୍ଲକ ଅଧକ୍ଷା ଗୀତାମଣି ସମରଥ, ଉପାଧକ୍ଷ ପଦମସାଏ ମାଳି, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜବିହାରୀ ଦାସ, ଜିଲା ପରିଷଦ ସଭ୍ୟ ଯୁଗଧର ହରିଜନ, ସଭ୍ୟା କାମିନୀ ହରିଜନ, ପ୍ରଦେଶ କଂଗ୍ରେସ ସଭ୍ୟ ଧରମ ସିଂ, ବ୍ଲକ କଂଗ୍ରେସ ସଭାପତି ସଞ୍ଜିବ ବିଶୋୟୀ, ଡିଏସପି ଗୋବିନ୍ଦ ଚନ୍ଦ୍ର ବୁରୁଦା, ସବଇନ୍ସପେକ୍ଟର ଆର.ଏନ. ସାହୁ, ଜିଲା ପୋଲିସ ସଂଘ ସଭାପତି ଗୋରୀ ମାଝି ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କନଷ୍ଟେବଳ ଜିଲାସମ୍ପାଦକ ସମନ କୁମାର ମିଶ୍ର, ବିଡିଓ ଅଜୟ କୁମାର ପ୍ରଧାନ, ଭୁବନେଶ୍ୱର ନାୟକ, ସ୍ଥାନୀୟ ସରପଞ୍ଚ ନେତୁ ପୂଜାରୀ ସହଯୋଗ କରିଥିଲେ। ୭ବର୍ଷ ବିତିଯାଇଥିଲେ ସୁଦ୍ଧା ପ୍ରଶାନ୍ତ ପାତ୍ରଙ୍କୁ କିଏ ମାରିଲା ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ କରାଯାଇନାହିଁ। ପ୍ରଶାସନ ଏବଂ ସରକାର ନୀରବ ରହିଛନ୍ତି। ତାହା ଅତ୍ୟନ୍ତ ଦୁଃଖଦ ଘଟଣା ବୋଲି ବିଧାୟକ ଭୁଜବଳ କହିଥିଲେ। କ୍ଷତି ପୂରଣ ବାବଦରେ ସମସ୍ତ ଅର୍ଥ ମିଳିନାହିଁ। ଏଣୁ ଅକ୍ଟୋବର ୨ ତାରିଖରୁ ଅନଶନରେ ବସିବି ବୋଲି ପ୍ରଶାନ୍ତଙ୍କ ପିତା କାହ୍ନୁ ପାତ୍ର କହିଛନ୍ତି। ପ୍ରଶାନ୍ତ ପାତ୍ର ୨୦୧୧ ମସିହା ସେପ୍ଟେମ୍ବର ୨୪ରେ ପୂର୍ବତନ ବିଧାୟକ ଜଗବନ୍ଧୁ ମାଝିଙ୍କ ଅଙ୍ଗରକ୍ଷୀ ଭାବେ କାର୍ଯ୍ୟରତ ଥିବା ସମୟରେ ରାଇଘର ଗୋନାଠାରେ ଦୁର୍ବୃତ୍ତଙ୍କ ଗୁଳିରେ ସହିଦ ହୋଇଥିଲେ।

### ଜାତୀୟ ସେବା ଯୋଜନା ଦିବସ ପାଳିତ

ଉମରକୋଟ,୨୪।୯(ଡି.ଏନ.ଏ)

ଉମରକୋଟ ମା' ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଏନଏସଏସ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଏକ ବୈଠକ ଆୟୋଜନ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ର ଏନଏସଏସରେ ସାମିଲ ହୋଇ ଜନସାଧାରଣଙ୍କ ସେବାରେ ନିଜକୁ ନିୟୋଜିତ ହେବାକୁ ଉପସ୍ଥିତ ଅଧାପକମାନେ ମତପୋଷଣ କରିଥିଲେ। ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ମାନବ ସେବାରେ ନିୟୋଜିତ ହେବାକୁ ଛାତ୍ରୀମାନଙ୍କୁ ଉପଦେଶ ଦେଇଥିଲେ। ଏହି ବୈଠକରେ ଅଧାପକ ରବି ମିଶ୍ର, ପଙ୍କଜ ମିଶ୍ର, ଶେଷାନନ୍ଦ ମିଶ୍ର, ପ୍ରଦୋଷ ପଟ୍ଟନାୟକ, ପ୍ରଦୀପ ଚୌଧୁରୀ, ସରୋଜ ପଟ୍ଟନାୟକ, ଚିନ୍ମୟ ରାଉତ, ସମୀର ମହାନ୍ତି ଉପସ୍ଥିତ ଥିଲେ।




## ଜାତୀୟ ସେବା ଯୋଜନା ଦିବସ


ସଭାରେ ଉପସ୍ଥିତ ନବରଙ୍ଗପୁର ମହିଳା ମହାବିଦ୍ୟାଳୟର ଅଧାପିକାମାନେ।

ନବରଙ୍ଗପୁର, ୨୪।୯(ବି.ପ୍ର)

ନବରଙ୍ଗପୁର ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର କର୍ମଶାଳାକୁ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ଉଦଘାଟନ କରିଥିଲେ। ଏନଏସଏସରେ ଯୋଗ ଦେଇ ନିଜ ବ୍ୟକ୍ତିତ୍ୱର ବିକାଶ ଦିଗରେ ବ୍ରତୀ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଏନଏସଏସ ସ୍ୱେଚ୍ଛାସେବୀ ମନସା ତ୍ରିପାଠୀ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ କେବଳ ଜଣେ ମାତ୍ର ସ୍ୱେଚ୍ଛାସେବୀ ଭାବେ ରାଜ୍ୟସ୍ତରୀୟ ସମ୍ମାନ ପାଇଛନ୍ତି ବୋଲି ଜିଲା ସଂଯୋଜକ ଅଧାପକ ଦିଲୀପ କୁମାର ହୋତା କହିଥିଲେ। ଏହା ସହିତ ବିଶ୍ୱବିଦ୍ୟାଳୟସ୍ତରୀୟ ସମ୍ମାନ ପାଇବା ପାଇଁ ହେମନ୍ତ ବିଶୋଇ ମନୋନୀତ ହୋଇଥିବା ସୂଚନା ଦେଇଥିଲେ। ଜିଲା ରେଡକ୍ରସ ଆବାହକ ଡ. ଭାସ୍କର ନାଥ ବିଶ୍ୱାଳ ସ୍ୱେଚ୍ଛାସେବୀଙ୍କୁ ନିସ୍ୱାର୍ଥପର ସେବା କରିବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ଅଧାପକ ଶମ୍ଭୁ ପ୍ରସାଦ ହୋତା ଏହି ବର୍ଷର ସ୍ୱେଚ୍ଛାସେବୀ ଚୟନ ତାଲିକା ପ୍ରକାଶ କରିଥିଲେ। ସ୍ୱେଚ୍ଛାସେବୀଙ୍କ ତରଫରୁ ଛାତ୍ର ରୁଦ୍ରପ୍ରସାଦ ଚୌଧୁରୀ ଏବଂ ଆଲୋକ ସାହୁ ନିଜ ନିଜ ଅନୁଭୂତି ପ୍ରକାଶ କରି ନୂଆ ପିଢିକୁ ସ୍ୱାଗତ କରିଥିଲେ। ଅଧାପିକା ସୁଚେତା ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ନବରଙ୍ଗପୁର ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇ ଯାଇଛି। ଏହି ଅବସରରେ ବିଭିନ୍ନ ଔଷଧୀୟ ବୃକ୍ଷ ମହାବିଦ୍ୟାଳୟ ପରିସରରେ ରୋପଣ କରାଯାଇଥିଲା। ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ମାଧ୍ୟମରେ ସଫେଇ କାର୍ଯ୍ୟ କରାଯାଇଥିଲା। ପରେ ଜାତୀୟ ସେବା ଦିବସର ଉଦ୍ଦେଶ୍ୟ ଓ ଏହାର କାର୍ଯ୍ୟକାରିତା ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷା ମାଳେଶ୍ୱରୀ ସାହୁ ଅଧକ୍ଷତା କରି ନିଜ ଜୀବନରେ ସେବା ମନୋଭାବ ରଖି ସହଯୋଗ କରିବା ସହ ସମାଜର କଲ୍ୟାଣ ଦିଗରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଏନଏସଏସ ୟୁନିଟ ସଂଯୋଜକ ରଞ୍ଜୁଷା ପ୍ରହରାଜ ଓ ଏମ. ରୋହିଣୀ ରାଣୀ, ୟୁଥ ରେଡକ୍ରସର କାଉନସିଲର ଅଧାପିକା ଡଃ. ସଂଯୁକ୍ତା ପଣ୍ଡା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଅଧାପକ ବିନୋଦ ବିହାରି ପ୍ରଧାନ, ତ୍ରିପତି ମାଳି, ନୃପେନ୍ଦ୍ର ଖୋସ୍ଲା, ଅଧାପିକା ତାହିରା ବେଗମ, ସୁନିତା ପାତ୍ର, ତାରାନୁମ ଆରା ଉପସ୍ଥିତ ଥିଲେ।

## ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ



ଆନ୍ଦୋଳନରେ ସାମିଲ ହୋଇଥିବା ପାପଡାହାଣ୍ଡି ଓ ତେନ୍ତୁଳିଖୁଣ୍ଟି ଅଗ୍ନିଶମ କର୍ମଚାରୀମାନେ।

ପାପଡାହାଣ୍ଡି/ତେନ୍ତୁଳିଖୁଣ୍ଟି, ୨୪।୯(ଡି.ଏନ.ଏ)- ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଗ୍ନିଶମ କର୍ମଚାରୀମାନେ ୬ ଦଫା ଦାବି ନେଇ ଆନ୍ଦୋଳନକୁ ଓହ୍ଲାଇ କାର୍ଯ୍ୟାଳୟରେ ଧାରଣାରେ ବସିଥିଲେ। ଫଳରେ ବ୍ଲକର ଜରୁରୀ ସେବା ଠପ ହୋଇପଡିଛି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ଶରତ ଚନ୍ଦ୍ର ବାରିକ, ଗୋଲକ ବିହାରୀ ଶବର, ସଚ୍ଚିଦାନନ୍ଦ ପଣ୍ଡା, ଓମ ପ୍ରକାଶ ସାହୁ ଓ ସନ୍ତୋଷ କୁମାର ସେଠୀ ପ୍ରମୁଖ କହିଛନ୍ତି। ସେହିପରି ତେନ୍ତୁଳିଖୁଣ୍ଟି ବ୍ଲକ ଅଗ୍ନିଶମ କାର୍ଯ୍ୟାଳୟର କର୍ମଚାରୀ ୬ ଦଫା ଦାବି ନେଇ ସୋମବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ପୋଲିସ କର୍ମଚାରୀଙ୍କ ଭଳି ସମାନ କାମକୁ ସମାନ ଦରମା, ସଂଘର ପଞ୍ଜିକରଣ, କାର୍ଯ୍ୟ ସମୟ ୮ ଘଣ୍ଟା କରିବା ଆଦି ଦାବି ନେଇ ଆନ୍ଦୋଳନ କରିଛନ୍ତି। ଲକ୍ଷ୍ମଣ ପ୍ରଧାନ, ଡାକ୍ତର ନାଗ, ସନ୍ତୋଷ ସେଠୀ, ଜଗନ୍ନାଥ ସାହୁ, ହୃଷୀକେଶ ହଂସ, ସୁଦନ୍ତ ସେଠୀ ପ୍ରମୁଖ କର୍ମଚାରୀ ସାମିଲ ଅଛନ୍ତି।

■ ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗିତା

## ଚାମ୍ପିୟନଶିପ ନବରଙ୍ଗପୁର ଦଳକୁ ସମ୍ବର୍ଦ୍ଧନା

ନବରଙ୍ଗପୁର,୨୪।୯(ବି.ପ୍ର.)- ୧୭ ବର୍ଷରୁ କମ ବାଳିକା ବିଭାଗ କବାଡି ପ୍ରତିଯୋଗିତାରେ ନବରଙ୍ଗପୁର ଜିଲାର ଦଳ ଚାମ୍ପିୟାନସିପ ହୋଇଛି। ୬୪ ତମ ରାଜ୍ୟ ସ୍ତରୀୟ ବିଦ୍ୟାଳୟ ସମୂହ କବାଡି ପ୍ରତିଯୋଗୀତା ବରଗଡ ଜର୍ଜ ଉଚ୍ଚ ବିଦ୍ୟାଳୟ ପରିସରରେ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ହୋଇଥିଲା। ରବିବାର ଉଦଯାପନୀ ଦିବସରେ ବୟନଶିଳ୍ପ ମନ୍ତ୍ରୀ ସ୍ନେହାଙ୍ଗିନି ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସିଲ୍ଡ ସହ ମାନପତ୍ର ପ୍ରଦାନ କରିଥିଲେ। ନବରଙ୍ଗପୁରରେ ଦଳ ପହଞ୍ଚିବା ପରେ ଜିଲା ମଙ୍ଗଳ ଅଧିକାରୀ ପବିତ୍ର ମୋହନ ପ୍ରଧାନ ଓ ଖେଳ ପ୍ରଶିକ୍ଷକ କାଳିକିଙ୍କର ପଟ୍ଟନାୟକ, ଭାରପ୍ରାପ୍ତ ଶାରିରିକ ଶିକ୍ଷା ନିରିକ୍ଷକ ମନରଞ୍ଜନ ପ୍ରହରାଜ ପ୍ରମୁଖ ଖେଳାଳିମାନଙ୍କୁ ନେଇ ଜିଲାପାଳଙ୍କ ସହ ସାକ୍ଷାତ କରାଇଥିଲେ। ଜିଲାପାଳ ଡଃ. ଅଜିତ କୁମାର ମିଶ୍ର ଦଳକୁ ସମ୍ବର୍ଦ୍ଧିତ କରିଥିଲେ। ନବରଙ୍ଗପୁର ଭଳି ଉପାନ୍ତ ଅଞ୍ଚଳରେ ୧୭ ବର୍ଷରୁ କମ ବାଳିକା କବାଡି ରାଜ୍ୟ ସ୍ତରରେ ଚାମ୍ପିୟାନସିପ ହୋଇଥିବାରୁ ଖୁସି ପ୍ରକଟ କରିବା ସହ ଛାତ୍ରୀମାନଙ୍କ ଉଜ୍ଜ୍ୱଳମୟ ଭବିଷ୍ୟତ କାମନା କରିଥିଲେ। ରାଜ୍ୟସ୍ତରୀୟ ସମୂହ ପ୍ରତିଯୋଗିତାରେ କେନ୍ଦୁଝରକୁ ୨୯-୮, କୋରାପୁଟକୁ ୩୦-୩, ସୁନ୍ଦରଗଡକୁ ୩୪-୨୪, ମୟୁରଭଞ୍ଜକୁ ୨୫-୧୧ ଓ ଫାଇନାଲରେ ଭୁବନେଶ୍ୱରକୁ ୨୩-୧୩ ପଏଣ୍ଟରେ ପରାସ୍ତ କରି ଚାମ୍ପିୟାନ ହୋଇଛନ୍ତି।


ବିଜୟୀ ଖେଳାଳିଙ୍କୁ ଜିଲାପାଳ ସମ୍ବର୍ଦ୍ଧିତ କରୁଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ମଙ୍ଗଳବାର, ସେପ୍ଟେମ୍ବର ୨୫/୨୦୧୮ Rayagada, Tuesday, September 25/ 2018

## ସଂକ୍ଷେପରେ

### ଚୋରା ଚାଲାଣ ବେଳେ ଗଞ୍ଜେଇ ଜବତ, ୩ ଗିରଫ



ମାଲକାନଗିରି/ ଚିତ୍ରକୋଣ୍ଡା, ୨୪।୯ (ଡି.ଏନ୍.ଏ.) ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପୋଲିସ ରବିବାର ରାତିରେ ମାଓବାଦୀଙ୍କ ଗତିବିଧି ଉପରେ ନଜର ରଖିବାକୁ ରାସ୍ତାରେ ଗାଡିମୋଟର ଯାଞ୍ଚ କରୁଥିବା ସମୟରେ ଏକ କାର୍ ଦ୍ରୁତଗତିରେ ଆସୁଥିବା ଦେଖି ଗାଡିକୁ ଅଟକାଇ ତନଖି କରିଥିଲା। ତନଖି ବେଳେ ଉକ୍ତ ଗାଡିରେ ଗଞ୍ଜେଇ ଥିବା ଜାଣି ଗାଡିରେ ଥିବା ୩ଜଣଙ୍କୁ ଥାନାକୁ ଆଣିଥିଲା। ପରେ କାରରୁ ୪ଟି ବସ୍ତାରେ ୧୨୨ କେଜି ଗଞ୍ଜେଇ ଥିବା ଜଣାପଡିଥିଲା। ଏଥିରେ ସମ୍ପୃକ୍ତ ୩ ବ୍ୟକ୍ତି ହେଲେ ମଧ୍ୟପ୍ରଦେଶ ସୁଜଲପୁରଥାନା ଗଣେଶ ମହାଲା ରୋଡର ହେମନ୍ତ ଇଚରିଆ (୩୧), ସୁନୀଲ ଶର୍ମା (୩୮) ଓ ରୋଶନ ପୁରି (୨୭)। କେସ୍ ନଂ. ୯୦/୧୮ରେ ମାମଲା ରୁଜୁ ସହ ଏମାନଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରାଯାଇଛି। ଚଢାଉରେ ଚିତ୍ରକୋଣ୍ଡା ଥାନା ଅଧିକାରୀ ଏବଂ କର୍ମଚାରୀ ସାମିଲ ଥିଲେ।

### ଏନ୍‌ଏସ୍‌ଏସ୍ ଦିବସ ପାଳିତ

ମାଥିଲି , ୨୪।୯ (ଡି.ଏନ.ଏ) - ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପୋଷ୍ୟ ଗ୍ରାମଠାରେ ସୋମବାର ସ୍ଥାନୀୟ ଗୋବିନ୍ଦପାଲି ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ତରଫରୁ ଏନଏସଏସ (ଜାତୀୟ ସେବା ଯୋଜନା) ଦିବସ ପାଳିତ ହୋଇଯାଇଛି । ପ୍ରଥମେ କଲେଜ ପରିସରରେ ସଫେଇ କାର୍ଯ୍ୟକ୍ରମ ହୋଇଥିଲା । ପରେ କଲେଜଠାରୁ ଛାତ୍ରୀଛାତ୍ରମାନେ ଶୋଭାଯାତ୍ରାରେ ଉଦୁଲିବେଡା ପୋଷ୍ୟ ଗ୍ରାମରେ ପହଞ୍ଚିଥିଲେ । ସେଠାରେ ଉପସ୍ଥିତ ସେଚ୍ଛାସେବୀମାନେ ସ୍ୱଚ୍ଛ ଭାରତ ଉପରେ ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ପ୍ରୋଗ୍ରାମ ଅଫିସର ତଥା ବରିଷ୍ଠ ଅଧାପକ ତ୍ରୈଲୋକ୍ୟନାଥ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧାପକ ହରିଶ୍ଚନ୍ଦ୍ର ପାଣିଗ୍ରାହୀ ଏବଂ ଅଭୟ କୁମାର ପାତ୍ର ଉପସ୍ଥିତ ରହି ଏହି ଦିବସ ପାଳନର ମହତ୍ତ୍ୱ ଏବଂ ଉଦ୍ଦେଶ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ।

■ ଜରୁରିକାଳୀନ ସେବା ଯୋଗାଉଥିବା କର୍ମଚାରୀଙ୍କ ଦାବିକୁ ଅଣଦେଖା

# ଆନ୍ଦୋଳନରେ ବସିଲେ ଅଗ୍ନିଶମ କର୍ମଚାରୀ





ମାଲକାନଗିରି ଓ ମାଥିଲିରେ ଅଗ୍ନିଶମ ସେବା କର୍ମଚାରୀମାନେ ଧାରଣାରେ ବସିଛନ୍ତି ।

■ ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା
■ ଖାଲିପଡିଥିବା ପଦବୀଗୁଡିକୁ ତୁରନ୍ତ ପୂରଣ କରିବା
■ କର୍ମଚାରୀଙ୍କ ଦାବି ପ୍ରତି ଜିଲାର ବରିଷ୍ଠ ନାଗରିକଙ୍କ ସମର୍ଥନ

ମାଲକାନଗିର, ୨୪।୯ (ଡି.ଏନ୍.ଏ.)
ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ସମୟରେ ଲୋକଙ୍କ ଧନଜୀବନ ରକ୍ଷା କରୁଥିବା ଏବଂ ଉଦ୍ଧାର କାର୍ଯ୍ୟ କରୁଥିବା ଅଗ୍ନିଶମ କର୍ମଚାରୀମାନେ ସୋମବାରଠାରୁ ରାଜ୍ୟବ୍ୟାପୀ କାର୍ଯ୍ୟ ବନ୍ଦ ଆନ୍ଦୋଳନ ଆରମ୍ଭ କରିଛନ୍ତି। ମାଲକାନଗିରି ଜିଲାର ୪୦ରୁ ଉର୍ଦ୍ଧ୍ୱ ଅଗ୍ନିଶମ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। କର୍ମଚାରୀମାନେ ରାଜ୍ୟ ସରକାରଙ୍କୁ ସେମାନଙ୍କର ୬ଦଫା ବିଭିନ୍ନ ଦାବି ପୂରଣ ନେଇ ପୂର୍ବରୁ ଜଣାଇଥିଲେ। ଗତବର୍ଷ କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ ଜଣାଇଥିଲେ । ମାତ୍ର ସରକାର ସେମାନଙ୍କ ଦାବି ପୂରଣ ନ କରିବାରୁ ରାଜ୍ୟସଂଘ ନିଷ୍ପତ୍ତି ଅନୁଯାୟୀ କର୍ମଚାରୀମାନେ କାର୍ଯ୍ୟାଳୟ ସମ୍ମୁଖରେ ବସି ଆନ୍ଦୋଳନ କରିଛନ୍ତି। ଅଗ୍ନିଶମ କର୍ମଚାରୀଙ୍କ ଦାବିଗୁଡିକ ମଧ୍ୟରେ ପୋଲିସ କର୍ମଚାରୀମାନଙ୍କ ସହିତ ସମାନ ଦରମା ଓ ଭତ୍ତା ଯୋଗାଇଦେବା, ଅଗ୍ନିଶମ ସେବାସଂସ୍ଥାର ହାବିଲଦାର, ଫାୟାରମ୍ୟାନ ଆସୋସିଏଶନକୁ ତୁରନ୍ତ ସରକାରୀ ପୁଞ୍ଜୀକୃତ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ ଦରମା, କର୍ମଚାରୀମାନଙ୍କୁ ନିଜ ଜିଲା ଓ ଆବଶ୍ୟକ ସ୍ଥଳେ ନିକଟସ୍ଥ ଜିଲାରେ ନିଯୁକ୍ତି କରିବା, ଅଗ୍ନିଶମ ସେବା ସଂସ୍ଥାରୁ ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରିବା, ଅନ୍ୟ ସରକାରୀ କର୍ମଚାରୀମାନଙ୍କ ଭଳି ଅଗ୍ନିଶମ କର୍ମଚାରୀଙ୍କୁ ୮ ଘଣ୍ଟା ଡ୍ୟୁଟିରେ ମୁତୟନ କରିବା, ଅଗ୍ନିଶମ ସେବା ସଂସ୍ଥାରେ ଖାଲିପଡିଥିବା ପଦବୀଗୁଡିକୁ ତୁରନ୍ତ ପୂରଣ କରିବା ଆଦି ରହିଛି। ପ୍ରକାଶ ଥାଉ କି ଦୁଇଦିନ ପୂର୍ବରୁ ମାଲକାନଗିରି ଜିଲାରେ ଯେଉଁ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା ସେହି ସମୟରେ ଏହି କର୍ମଚାରୀମାନଙ୍କ ଭୂମିକାକୁ ସାଧାରଣରେ ପ୍ରଶଂସା କରାଯାଇଥିଲା । ଯଦି ଅଗ୍ନିଶମ କର୍ମଚାରୀଙ୍କ ଆନ୍ଦୋଳନ ସମୟରେ କୌଣସି ପ୍ରାକୃତିକ ଦୈବ ଦର୍ବିପାକ ଘଟଣା ଘଟେ ତେବେ ଜିଲାରେ ଜଟିଳ ପରିସ୍ଥିତି ସୃଷ୍ଟି ହେବ । ତେଣୁ ସରକାର ଜରୁରୀ ସେବା ଯୋଗାଇ ଦେଉଥିବା ଏହି କର୍ମଚାରୀଙ୍କ ଦାବିଗୁଡିକୁ ସହାନୁଭୂତିର ସହ ତୁରନ୍ତ ପୂରଣ କରିବା ପାଇଁ ଜିଲାର ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି। ପ୍ରକାଶଥାଉ କି ମାଲକାନଗିରି ଜିଲା ସଦର ମହକୁମା ସହ କାଲିମେଳା, କୋରୁକୋଣ୍ଡା, ଚିତ୍ରକୋଣ୍ଡା, କୁଡୁମୁଲୁଗୁମ୍ମା, ଖଇରପୁଟ, ମାଥିଲି, ବ୍ଲକରେ ଥିବା ଅଗ୍ନିଶମ କେନ୍ଦ୍ରର କର୍ମଚାରୀମାନେ ମଧ୍ୟ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି।

**ମାଥିଲି, (ଡି.ଏନ.ଏ)** – ବିଭିନ୍ନ ଦାବି ନେଇ ସୋମବାର ମାଲକାନଗିରି ଜିଲା ମାଥିଲି ପୁରୁଣା ବ୍ଲକ ପରିସରରେ ଥିବା ଅଗ୍ନିଶମ କାର୍ଯ୍ୟାଳୟ ସମ୍ମୁଖରେ ଅଗ୍ନିଶମ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦେଇଛନ୍ତି । ୬ ଦଫା ଦାବି ନେଇ ସେମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଛନ୍ତି । ସମସ୍ତ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରହିବ ବୋଲି କର୍ମଚାରୀମାନେ ଚେତାବନୀ ଦେଇଛନ୍ତି ।

ଟ୍ରକ ମାଲିକ ସଂଘ -ଟ୍ରାନ୍ସପୋର୍ଟର ମଧ୍ୟରେ ବିବାଦ ଘଟଣା

# ଆଇନ ଅମାନ୍ୟ କଲେ ହେବ କାର୍ଯ୍ୟାନୁଷ୍ଠାନ : ଉପଜିଲାପାଳ

■ ବିବାଦ ଉଗ୍ର ରୂପ ନେବା ପୂର୍ବରୁ ପ୍ରଶାସନର ପଦକ୍ଷେପ
■ ନିୟମ ଉଲ୍ଲଂଘନ କଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ
■ ଉଭୟ ପକ୍ଷର ଅଭିଯୋଗକୁ ଉପଜିଲାପାଳଙ୍କ ଅନୁଧ୍ୟାନ

ମାଥିଲି, ୨୪।୯ (ଡି.ଏନ.ଏ)
ମାଲକାନଗିରି ଜିଲା ମାଥିଲି ବ୍ଲକ ସଦରରେ ଟ୍ରକ ମାଲିକ ସଂଘ ଏବଂ ଦେବତା ଟ୍ରାନ୍ସପୋର୍ଟର ମଧ୍ୟରେ ବିବାଦ ଘଟଣାରେ ସୋମବାର ଜିଲା ପ୍ରଶାସନ ହସ୍ତକ୍ଷେପ କରିଛି । ଏ ସମ୍ପର୍କିତ ଖବର ଧରିତ୍ରୀରେ ପ୍ରକାଶ ପାଇବା ପରେ ମାଲକାନଗିରି ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ମାଥିଲି ତହସିଲ କାର୍ଯ୍ୟାଳୟରେ ଉପ ଜିଲାପାଳ ରାମେଶ୍ୱର ପ୍ରଧାନ ଉଭୟ ପକ୍ଷକୁ ଡାକି ଆଇନକୁ ହାତକୁ ନେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତାଗିଦ କରିଛନ୍ତି । ତହସିଲଦାର ମାଘବନ ବାଘ, ଆଇଆଇସି ଜନ ଖୁଜୁରଙ୍କ ଉପସ୍ଥିତିରେ ଉଭୟ ପକ୍ଷକୁ ଡାକି ଏପରି ତାଗିଦା କରାଯାଇଛି । ମାଥିଲି ଟ୍ରକ ମାଲିକ ସଂଘ ଏବଂ ଏମଏସ ଦେବତା ରୋଡ କ୍ୟାରିୟର ସଂସ୍ଥାର ମାଲିକ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଟ୍ରାନ୍ସପୋର୍ଟିଂକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏ ନେଇ ମାଥିଲି ଥାନାରେ ମାମଲା ପହଞ୍ଚିଥିଲା । ତେବେ ଉଭୟ ପକ୍ଷକୁ ନେଇ ସୃଷ୍ଟି ହେଉଥିବା ବିବାଦ ଉଗ୍ର ରୂପ ନେଇପାରେ ବୋଲି ଆଗତୁରା ପ୍ରଶାସନ ତରଫରୁ ଉଭୟ ପକ୍ଷର କର୍ମକର୍ତ୍ତାଙ୍କୁ ଡକାଇ ତାଗିଦ କରାଯାଇଛି । ଉଭୟ ପକ୍ଷର ଅଭିଯୋଗକୁ ଉପ ଜିଲାପାଳ ପ୍ରଧାନ ଅନୁଧ୍ୟାନ କରିଥିଲେ । ଯିଏ ଯାହାର ପରିବହନ ବରାଦ ଅନୁଯାୟୀ ଶାନ୍ତିଶୃଙ୍ଖଳାରେ ଆଇନ ଉଲ୍ଲଂଘନ ନ କରି ଉଭୟ ପକ୍ଷ ପରିବହନ ବ୍ୟବସାୟ ଚଲାଇବାକୁ ଉପ ଜିଲାପାଳ ପ୍ରଧାନ ପରାମର୍ଶ ଦେଇଥିଲେ । ଯଦି ଟ୍ରକ ମାଲିକ ସଂଘ କିମ୍ବା ଦେବତା ଟ୍ରାନ୍ସପୋର୍ଟର ଟ୍ରାନ୍ସପୋର୍ଟ ନିୟମକୁ ଉଲ୍ଲଂଘନ କରନ୍ତି ତେବେ ଆଇନ ଅନୁଯାୟୀ ଦଣ୍ଡିତ କରାଯିବ ବୋଲି ଉପ ଜିଲାପାଳ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଟ୍ରାନ୍ସପୋର୍ଟର ସଂଘର ମାଲିକ ସୁଦର୍ଶନ ଦେବତା, କର୍ମକର୍ତ୍ତା ଆର୍ତ୍ତତ୍ରାଣ ଦେବତା, ପଦ୍ମନାଭ ନାୟକ, କ୍ରିଷ୍ଣାପଦ ପାଲ, ସୁବ୍ରତ ଲେଙ୍କା, ବାଳକୃଷ୍ଣ ହୋତା, ଯୁବନେତା କୁନାଲ ମିଶ୍ର, ଶମ୍ଭୁପ୍ରସାଦ ଅନୁଗୁଳିଆ, ଟ୍ରକ ମାଲିକ ସଂଘର ସଭାପତି ଜୀବନ ସାହୁ , ଏସ. ବାଲେ ଶାହା, ଗୋପୀନାଥ ଚୌଧୁରୀ , ବିକ୍ରମ କେଶରୀ ପାତ୍ର , ସୁଶାନ୍ତ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଏମ୍‌ଜିଏନ୍‌ଆରଇଜିଏସ୍‌ର ସାମାଜିକ ସମୀକ୍ଷା

ମାଥିଲି , ୨୪।୯ (ଡି.ଏନ.ଏ) –

ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ଉଦୁଲିବେଡା ପଞ୍ଚାୟତ କାର୍ଯ୍ୟାଳୟ ସଭାଗୃହଠାରେ ସୋମବାର ଏମଜିଏନଆରଇଜିଏସର ସାମାଜିକ ସମୀକ୍ଷା ଅନୁଷ୍ଠିତ ହୋଇଥିଲା । ଉଦୁଲିବେଡା ପିଇଓ ଅଶୋକ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ମାଲକାନଗିରିରୁ ୨ ଅଧିକାରୀ ଉପସ୍ଥିତ ରହି ବାର୍ଷିକ ଏମଜିଏନଆରଇଜିଏସରେ ଗତ ୨୦୧୭ ଅକ୍ଟୋବରରୁ ମାର୍ଚ୍ଚ ୨୦୧୮ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ ହୋଇଥିବା କ୍ୟାଶ ରେକର୍ଡର ସମୀକ୍ଷା କରିଥିଲେ । ସମସ୍ତ କାଗଜପତ୍ର ଠିକ ଥିବା ଅଧିକାରୀମାନେ ପ୍ରକାଶ କରିଥିଲେ । ସେହିପରି ଇନ୍ଦିରାଆବାସ ଗୃହ, ଏମଜିଏନଆରଇଜିଏସ ବାବଦରେ ଠିକ ସମୟରେ ଅନୁଦାନ ମିଳୁ ନ ଥିବା କେତେକ ହିତାଧିକାରୀ ଅଭିଯୋଗ କରିଥିଲେ । ଏହା ଉପରେ ପଦକ୍ଷେପ ନିଆଯିବ ବୋଲି ପିଇଓ ମହାରଣା ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟପକ୍ଷରେ ଆଗାମୀ ଦିନରେ ପଞ୍ଚାୟତ ଅଧୀନରେ ହେବାକୁ ଥିବା ଜିଆଖତ ପ୍ରସ୍ତୁତି, କୂପ ଖନନ, ଗାଈ ଗୁହାଳ, ମୋ ପୋଖରୀ ଯୋଜନାରେ କାମ କରିବାକୁ ଉପସ୍ଥିତ ଲୋକଙ୍କୁ ଅବଗତ କରାଯାଇଥିଲା । ଏଥିରୁ ପଞ୍ଚାୟତର ୫ ଜଣ ହିତାଧିକାରୀ ଗାଈ ଗୁହାଳ ପାଇଁ ଆବେଦନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସରପଞ୍ଚ ହସମତୀ ଦାସା, ନାଏବ ସରପଞ୍ଚ ସନ୍ୟା ଭୂମିଆ, ସମିତିସଭ୍ୟା ବୃନ୍ଦାବତୀ ଭୂମିଆ, ଜିଆରଏସ ଦିଲୀପ କରଙ୍କ ସମେତ ସମସ୍ତ ୱାର୍ଡର ସଭ୍ୟ, ଗ୍ରାମ ସାଥୀ ଓ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।



ଉଦୁଲିବେଡା ପଞ୍ଚାୟତ ସଭାଗୃହରେ ଏମଜିଏନଆରଇଜିଏସ ଉପରେ ସମୀକ୍ଷା କରାଯାଉଛି ।

■ ଆନ୍ଧ୍ରର ୨ ବିଧାୟକଙ୍କୁ ହତ୍ୟା ଘଟଣା

# ମାଲକାନଗିରି ଜିଲାରେ ସୁରକ୍ଷା କଡାକଡି କରାଯାଇଛି: ଏସ୍‌ପି

ମାଲକାନଗିର, ୨୪।୯ (ଡି.ଏନ୍.ଏ.)
ଓଡିଶା ସୀମାନ୍ତ ବିଶାଖାପାଟଣା ଜିଲା ଆରୁକୁ ନିକଟ ଡୁମ୍ବ୍ରିଗୁଡାଠାରେ ରବିବାର ଆରୁକୁ ବିଧାୟକ ଏବଂ ଜଣେ ପୂର୍ବତନ ବିଧାୟକଙ୍କୁ ମାଓବାଦୀମାନେ ହତ୍ୟା କରିବା ପରେ ମାଲକାନଗିରି ଜିଲାରେ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି ବୋଲି ମାଲକାନଗିରି ଏସ୍‌ପି ଜଗମୋହନ ମୀନା କହିଛନ୍ତି। ବିଏସ୍‌ଏଫ୍‌,ପୋଲିସ, ଏସ୍‌ଓଜି, ଡିଭିଏଫ୍ ସୁରକ୍ଷା କର୍ମୀଙ୍କୁ ସବୁ ଅଞ୍ଚଳରେ କଡା ନଜର ରଖିବା ପାଇଁ ନିର୍ଦ୍ଦେଶ ହୋଇଛି। ଜିଲାର ସମସ୍ତ ଥାନାକୁ ଆଲର୍ଟ କରାଯାଇ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ସୀମାନ୍ତ ଆନ୍ଧ୍ର ପ୍ରଦେଶରେ ମାଓବାଦୀମାନେ ଏହି ଘଟଣା ଘଟାଇବା ପରେ ସେମାନେ ଓଡିଶାରେ ପ୍ରବେଶ କରିବା ସମ୍ଭାବନାକୁ ଦୃଷ୍ଟିରେ ରଖି ସୁରକ୍ଷାକୁ କଡାକଡି କରାଯାଇଛି। ଏହି ସମୟ ମଧ୍ୟରେ ଯଦି କୌଣସି ରାଜନୈତିକ ବ୍ୟକ୍ତି ଓ ବିଭିନ୍ନ ବିଭାଗର ପଦାଧିକାରୀ କୌଣସି ଅଞ୍ଚଳକୁ ଗସ୍ତ କରନ୍ତି ସେମାନେ ପୋଲିସକୁ ଜଣାଇଲେ ସେମାନଙ୍କୁ ସୁରକ୍ଷା ଯୋଗାଇ ଦିଆଯିବ ବୋଲି ଏସପି ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ, ଆସନ୍ତା ୨୦୧୯ ମଧ୍ୟଭାଗରେ ସାଧାରଣ ନିର୍ବାଚନ ହେବ। ଆନ୍ଧ୍ର ସୀମାନ୍ତକୁ ଲାଗି ମାଲକାନଗିରି ବିଚ୍ଛିନ୍ନାଞ୍ଚଳ ଏବଂ ଆଭ୍ୟନ୍ତରୀଣ ଅଞ୍ଚଳଗୁଡିକରେ ମାଓବାଦୀ ସକ୍ରିୟ ଥିବା ଖବର ମିଳିଛି। ପ୍ରତି ମାସରେ ମାଓବାଦୀମାନେ ବିଭିନ୍ନ ବୈଠକ କରୁଥିବା ଗଣମାଧ୍ୟମରେ ପ୍ରକାଶ ପାଉଛି। ରବିବାର ଓଡିଆ ଟେପରେ ମଧ୍ୟ ମାଓବାଦୀ ମାନେ ବନ୍ୟା ବିପନ୍ନଙ୍କୁ ତୁରନ୍ତ କ୍ଷତିପୂରଣ ନ ଦେଲେ ସରକାରଙ୍କୁ ଫଳ ଭୋଗିବାକୁ ପଡିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ଏବେବି ମାଓବାଦୀମାନେ ଗୁରୁପ୍ରିୟା ସେତୁ ପ୍ରତି ବିପଦ ସୃଷ୍ଟି କରିବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ଯାହାଦ୍ୱାରା ଗୁରୁପ୍ରିୟା ସେତୁରେ ଉଜ୍ଜ୍ୱଳ ଆଲୋକ ଏବଂ ସିସିଟିଭି ବ୍ୟବସ୍ଥା କରାଯାଇ ସେତୁକୁ ସୁରକ୍ଷା ଦେବାପାଇଁ ସେତୁ ନିକଟରେ ଏକ ବିଏସ୍‌ଏଫ୍ କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ଯବାନଙ୍କ ନଜରରେ ଗୁରୁପ୍ରିୟା ସେତୁ ୨୪ଘଣ୍ଟା ରହିଛି। ପ୍ରକାଶଥାଉ କି ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ବ୍ଲକରେ ସୁରକ୍ଷାଜନିତ କାରଣରୁ ପଞ୍ଚାୟତ ନିର୍ବାଚନ ଏଯାଏ ହୋଇ ପାରିନାହିଁ। ଏ ସମ୍ପର୍କରେ ଡିଆଇଜି ଓ ପୋଲିସ ପ୍ରଶାସନ ସେହି ସବୁ ଅଞ୍ଚଳକୁ ଆସି ଅନେକ ଥର ବୈଠକ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଚିତ୍ରକୋଣ୍ଡା ବ୍ଲକରେ ପଞ୍ଚାୟତ ନିର୍ବାଚନ ହୋଇପାରିନାହିଁ। ନିର୍ବାଚନ ହୋଇପାରୁ ନ ଥିବାରୁ ସୀମାନ୍ତରେ ଥିବା ଏହି ବ୍ଲକର କୌଣସି ଜନ ପ୍ରତିନିଧି ନାହାନ୍ତି। ଏପରି ସ୍ଥଳେ ଆଗାମୀ ନିର୍ବାଚନ ଜିଲାରେ କିପରି କରାଯିବ ତାହା ଏବେଠାରୁ ପ୍ରଶାସନ ପାଇଁ ଚିନ୍ତାର ବିଷୟ ହେଲାଣି।




### ଗଣପତିଙ୍କ ଭସାଣି ଉତ୍ସବ

କୁଡୁମୁଲୁଗୁମ୍ମା, ୨୪।୯ (ଡି.ଏନ.ଏ.)
କୁଡୁମୁଲୁଗୁମ୍ମା ସହରର ବିଘ୍ନ ବିନାଶନ ସ୍ୱେଚ୍ଛାସେବୀ ସଙ୍ଗଠନ, ବ୍ୟବସାୟୀ ସଂଘ ଓ ଜାଙ୍ଗିରିଆ ସାହିବାସିନ୍ଦାଙ୍କ ସହଯୋଗରେ ୩ଟି ସ୍ଥାନରେ ଗଣେଶ ପୂଜା ଚାଲିଥିଲା। ସବୁ ପୂଜା କମିଟିର ନିଷ୍ପତ୍ତିକ୍ରମେ ରବିବାର ଭସାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ସମସ୍ତ ମେଢଗୁଡିକୁ ଶୋଭାଯାତ୍ରାରେ ବଜାର ପରିକ୍ରମା କରାଯାଇ ନିକଟସ୍ଥ ପୋଖରୀରେ ବିସର୍ଜନ କରାଯାଇଥିଲା। ବିନାୟକ ସେବା ସଂଘର ରମାକାନ୍ତ ଧାକଡ, ଦେବେନ୍ଦ୍ର ରାଉତ,ଲଳିତ କୁମାର ରାଉତ, ବୁଢୁ ମିଶ୍ର, ବାପି ଲେଙ୍କା, ଟୁକୁ ସାହୁ, ରାଜୁ ବାରିକ, ବେଣୁ ଦାଶ ପ୍ରମୁଖ ବିସର୍ଜନ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ଥିଲେ।

### ସିଲେଇ ତାଲିମ ଶିବିର

ପାରଳାଖେମୁଣ୍ଡି, ୨୪।୯(ସ୍ୱ.ପ୍ର.)
ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଆନ୍ଧ୍ରବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରରେ ବେକାର ଯୁବକଙ୍କ ପାଇଁ ସିଲେଇ ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ଏହା ୩୦ଦିନ ଧରି ଚାଲିବ। ଅତିଥି ଭାବେ ଜିଲା ନାବାର୍ଡ ଅଧିକାରୀ ସୁଦମ୍ନ ପାଲ ଓ ଜିଲା ଅଗ୍ରଣୀ ବ୍ୟାଙ୍କ ପରିଚାଳକ ଦାମୋଦର ଉଗୁର୍‌ସାଣ୍ଡି ଯୋଗଦେଇ କଠିନ ପରିଶ୍ରମ ଦ୍ୱାରା ସ୍ୱାବଲମ୍ବୀ ହେବା ସମ୍ଭବ ବୋଲି କହିଥିଲେ। ଜିଲାର ବିଭିନ୍ନ ପ୍ରାନ୍ତରୁ ୩୦ଜଣ ଯୁବକ ତାଲିମ ନେବେ। କେନ୍ଦ୍ର ସଂଯୋଜକ ଦିଲ୍ଲୀପ କୁମାର ତନ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ କେନ୍ଦ୍ର ନିର୍ଦ୍ଦେଶକ ଚିନ୍ତାମଣି ଭୂୟାଁ ଧନ୍ୟବାଦ ଦେଇଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ



ଭଗବାନଙ୍କ ନାମ ଜପ କଲେ, ମନ ଯେ କେବଳ ଏକାଗ୍ର ହେବ, ତାହା ନୁହେଁ। ମନ ଭିତରେ ନିର୍ମଳ, ପବିତ୍ର ଓ ଶୁଦ୍ଧ ହୋଇଯାଏ।

-ରମଣ ମହର୍ଷି

## ସଂକ୍ଷେପରେ

### ଏନ୍‌ଏସ୍‌ଏସ୍ ଦିବସ ପାଳିତ




**ରାୟଗଡା ଅଫିସ୍, ୨୪।୯:** ରାୟଗଡାସ୍ଥିତ ମହିଳା ମହାବିଦ୍ୟାଳୟ ଠାରେ ସୋମବାର ଜାତୀୟ ସେବା ସଂସ୍ଥାର ଜନ୍ମ ଦିବସ ପାଳନ କରାଯାଉଛି। ଏଥିରେ ମୁଖ୍ୟ ଅତିଥି ରୂପେ ଶିକ୍ଷାବିତ୍ ଡା. ଦୁଷ୍ମନ୍ତ କୁମାର ମହାନ୍ତି ଯୋଗଦେଇ ଛାତ୍ରୀମାନଙ୍କୁ ସେବା ପ୍ରଣୋଦିତ ହେବା ପାଇଁ ଆହ୍ୱାନ କରିଥିଲେ। ଗାଁ ଗହଳିରେ ବିଭିନ୍ନ ସମସ୍ୟା ସହିତ ଜାତୀୟ ସେବା ସଂସ୍ଥା ଜଡିତ ହେବାକୁ ସେ ପ୍ରସ୍ତାବ ଦେଇଥିଲେ। ଏଥିରେ ଏନ୍‌ଏସ୍‌ଏସ୍ ଅଫିସ୍‌ର ଡା. ଅର୍ଚ୍ଚନା ପଟ୍ଟନାୟକ ସଭାପତିତ୍ୱ କରି ଏନ୍‌ଏସ୍‌ଏସ୍‌ର ମୁଖ୍ୟ ଲକ୍ଷ୍ୟ ବିଷୟରେ ଆଲୋଚନା କରିଥିଲେ। ଏନ୍‌ଏସ୍‌ଏସ୍‌ର ପ୍ରାକ୍ତନ ସ୍ୱେଚ୍ଛାସେବୀ ସେହନାଗ ବେଗମ ତାଙ୍କର ଅନୁଭୂତି ବର୍ଣ୍ଣନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଡା. ସରିତା ମିଶ୍ର ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ। ପରିଶେଷରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା।

### ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ପରିଚାଳନା କମିଟି ଗଠିତ

**ମୁନିଗୁଡ଼ା,୨୪।୯(ଡ଼ି.ଏନ.ଏ):** ରାୟଗଡ଼ା ଜିଲା ମୁନିଗୁଡ଼ାସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ନୂତନ ପରିଚାଳନା କମିଟି ଗଠନ କରାଯାଇଛି। ପୂର୍ବତନ ସଭାପତି ରାମଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ। ଏଥିରେ କେଶବ ଚନ୍ଦ୍ର ସାହୁକାର ସଭାପତି, ନଳିନୀପ୍ରଭା ଦାଶ ଉପସଭାନେତ୍ରୀ, ରାଜେନ୍ଦ୍ର କୁମାର ସାହୁ ସମ୍ପାଦକ, ମନୋଜ କୁମାର ପାଢ଼ୀ ଯୁଗ୍ମ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ବିଦ୍ୟାଧର ସାହୁ, ରାଇକିଶୋର ଦାସ, ଲକ୍ଷ୍ମୀ ଶବର, ଶାନ୍ତି ବେହେରା, ନମିତା ନାୟକ,ରତିକାନ୍ତ ସେଠୀ, ଆନନ୍ଦ ସାହୁ, ରାମଚନ୍ଦ୍ର ବେହେରା ସଦସ୍ୟ ଭାବେ ରହିଛନ୍ତି। ପରବର୍ତ୍ତୀ ସମୟରେ ସ୍ଥାନୀୟ ଜନପ୍ରତିନିଧି, ମହିଳା ଓ ଶିଶୁ କଲ୍ୟାଣ,ସ୍ୱାସ୍ଥ୍ୟ ବିଭାଗ, ମହିଳା ସ୍ୱୟଂ ସହାୟକ ପ୍ରତିନିଧି ଦଳ, ସ୍ୱେଚ୍ଛାସେବୀ ସଂଗଠନ କର୍ମକର୍ତ୍ତା, ଛାତ୍ରୀଛାତ୍ରଙ୍କୁ ନେଇ ଏକ ପୂର୍ଣ୍ଣାଙ୍ଗ ପରିଚାଳନା କମିଟି ସହ ବିଦ୍ୟାଳୟ ନିରାପତ୍ତା କମିଟି ଗଠନ କରାଯିବ ବୋଲି ଆବାହିକା ତଥା ପ୍ରଧାନ ଆଚାର୍ଯ୍ୟ ବୈଜୟନ୍ତୀ ଦାସ ସୂଚନା ଦେଇଛନ୍ତି।

### ମେଗା ରକ୍ତଦାନ ଶିବିର



**ଗୁଣପୁର,୨୪।୯(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ଜିଆଇଇଟି ଅଟୋନମସ କଲେଜଠାରେ ଏନଏସଏସ ଦିବସ ପାଳନ ଅବସରରେ ସୋମବାର ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ରାଜେନ୍ଦ୍ର ପ୍ରସାଦ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ କରିଥିଲେ। ଗାନ୍ଧୀ ଗ୍ରୁପର ଉପାଧ୍ୟକ୍ଷ ଡ.ଜଗଦିଶ ପଣ୍ଡା, ପ୍ରିନ୍ସିପାଲ ଡ.କେ.ସେନ୍ଥିଲ କୁମାର, ଡିନ ପ୍ରଶାସନିକ ଡ.ଏନ.ଭି.ଜେରାଓ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ଡ.ଦାସ ଟି.ସାର୍ଟ ଉନ୍ମୋଚନ କରିବା ସହ ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରସ୍ତୁତ ଚିତ୍ରଗୁଡିକ ବୁଲି ଦେଖିଥିଲେ। ୬୩୯ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ସଂଗୃହିତ ରକ୍ତରୁ ବ୍ରହ୍ମପରକୁ ୨୦୦ ୟୁନିଟ, ରାୟଗଡାକୁ ୨୦୪ ୟୁନିଟ, ଗୁଣପୁରକୁ ୮୫ ୟୁନିଟ ଏବଂ ପାରଳାଖେମୁଣ୍ଡି ରକ୍ତଭଣ୍ଡାରକୁ ୧୫୦ ୟୁନିଟ ରକ୍ତ ପ୍ରଦାନ କରାଯାଇଥିଲା। ଏଥି ଲାଗି ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏନଏସଏସର ଆବାହାକ ପ୍ରଫେସର ପ୍ରେମାଂଶୁଶେଖର ରଥଙ୍କ ସମେତ କାର୍ଯ୍ୟକ୍ରମ ଅଧିକାରୀ,ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଉପସ୍ଥିତ ଏହାକୁ ପରିଚାଳନାରେ ସହଯୋଗ କରିଥିଲେ।

### ବଜ୍ରପାତରେ ଜଣେ ଆହତ

**ଟିକିରି,୨୪।୯(ଡ଼ି.ଏନ.ଏ):** ରାୟଗଡ଼ା ଜିଲା କାଶୀପୁର ବ୍ଲକ ଟିକିରିରେ ସୋମବାର ଅପରାହ୍ନ ପ୍ରାୟ ୪ଟାରେ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ ବଜ୍ରପାତରେ ଜଣେ ଯୁବକ ଆହତ ହୋଇଥିଲେ। ସେ ହେଲେ ଉତ୍କଳ ଆଲୁମିନାର ସିକ୍ୟୁରିଟ ଗାର୍ଡ଼ ଜିତେନ୍ଦ୍ର ବେହେରା। ତାଙ୍କୁ ସଙ୍ଗେ ସଙ୍ଗେ ନୂଆପଡ଼ା ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ସେ କମ୍ପାନୀର ଲଚ୍ଛୁଗୁଡ଼ା ଆସପଣ୍ଡଠାରେ ଡ୍ୟୁଟି କରୁଥିବା ବେଳେ ବଜ୍ରପାତରେ ଆହତ ହୋଇଥିଲେ।

## ▪ ନଗରଭବନ ଭଙ୍ଗା ନିଷ୍ପତ୍ତି ବିରୋଧ

# ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର

**ରାୟଗଡା ଅଫିସ୍, ୨୪।୯**



ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ହୋଇଥିବା ରାୟଗଡା ନଗର ଭବନକୁ ଭାଙ୍ଗି ସେଠାରେ ବିଜୁ ପଟ୍ଟନାୟକଙ୍କ ନାମରେ ଏକ ଅଡ଼ିଟୋରିୟମ ନିର୍ମାଣ କରାଯିବ। ଏହାକୁ ରାୟଗଡ଼ା ଯୁବ ବିକାଶ ପରିଷଦ ବିରୋଧ କରି ସୋମବାର ଅତିରିକ୍ତ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି। ପରିଷଦର ଜିଲା ସଭାପତି ଶିବାଜୀ ଦାଶ, ପରିଷଦର ସଦସ୍ୟ କୃଷ୍ଣପ୍ରସାଦ ମିଶ୍ର, ଟି.ଗୌଡ, ଦିବାକର ଗୌଡ, ପିଯୁଲୁ ଗୌଡ ଓ ଅନ୍ୟ ସଦସ୍ୟମାନେ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ସୁଧାକର ଶବରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉକ୍ତ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ନାମରେ ରାୟଗଡ଼ା ସହରରେ ଏକ ଅଡିଟୋରିୟମ୍ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିଲାଗି ଜିଲା ପ୍ରଶାସନ ନୂତନ ଭାବେ ସ୍ଥାନ ନିରୂପଣ ନ କରି ରାୟଗଡାର ଜନ ନାୟକ ତଥା ଉତ୍କଳ ପଟ ପୁରୁଧା ସ୍ୱର୍ଗତ କୃଷ୍ଣଚନ୍ଦ୍ର ବକ୍ସିପାତ୍ରଙ୍କ ନାମରେ ଥିବା ନଗର ଭବନ ଓ ତାଙ୍କ ପ୍ରତିମୂର୍ତ୍ତିକୁ ସେଠାରୁ ହଟାଇ ଉକ୍ତ ସ୍ଥାନରେ ଏହା କରିବାକୁ ନିଷ୍ପତ୍ତି ନେଇଛି। ଏଭଳି ନିଷ୍ପତ୍ତି ରାୟଗଡା ସହ ସମଗ୍ର ଓଡ଼ିଶା ଏବଂ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତି ବହୁତବଡ ଅପମାନ ସୂଚକ ଅଟେ। ପ୍ରବାଦ ପୁରୁଷଙ୍କ ପ୍ରତି ଏପରି ଅସମ୍ମାନକୁ ଯୁବ ବିକାଶ ପରିଷଦ ତୀବ୍ର ପ୍ରତିବାଦ କରୁଛି। ରାୟଗଡା ଜନ ନାୟକ ଭାବେ ସାଧାରଣ ଗରିବଙ୍କ ଭାବବେଗ ସହ ଜଡିତ ଥିବା ସ୍ୱର୍ଗତ ବକ୍ସିପାତ୍ରଙ୍କ ସ୍ମୃତି ଉଦ୍ଦେଶ୍ୟସ୍ଥଳରୁ ତାଙ୍କୁ ହଟାଯିବା ସମଗ୍ର ରାୟଗଡା ସହରବାସୀଙ୍କ ପ୍ରତି ବହୁତ ବଡ ଆଘାତଅଟେ। ସୁରକ୍ଷିତ ନଗର ଭବନକୁ ଭଙ୍ଗାଯିବା ଫଳରେ ପୌରପାଳିକାର ବହୁଟଙ୍କା ଅଯଥାରେ ନଷ୍ଟ ହେବ। ଯେଉଁ ନଗର ଭବନ ସହରର ଗରିବ ଜନସାଧାରଣଙ୍କ ପାଇଁ ଏକମାତ୍ର ସାହାରା ଅଟେ। ନଗର ଭବନକୁ ପୁନଃ ଯାଞ୍ଚ କରାଯାଇ ସୁରକ୍ଷିତ ରଖାଯାଉ। ପୁରୁଣା ସହରରେ ବିଭିନ୍ନ ଆନୁଷ୍ଠାନିକ ଉତ୍ସବ ଓ ବୈଠକ ନିମନ୍ତେ ୨ଗୋଟି ମଣ୍ଡପ ରହିଥିବା ବେଳେ ନୂଆ ସହରରେ ଗୋଟିଏ ହେଲେ ମଣ୍ଡପ କିମ୍ବା ଅଡିଟୋରିୟମ୍ ରହିନାହିଁ। ଏଣୁ ଉକ୍ତ ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌କୁ ଜିଲା ସଂସ୍କୃତି ଭବନ ପଛଭାଗରେ ଥିବା ବିସ୍ତିର୍ଣ୍ଣ ପଡିଆରେ କରାଗଲେ ସହରବାସୀଙ୍କ ସ୍ୱାର୍ଥରେ ଉପଯୋଗ ହେବ। ଏଥିସହ ବିଜୁ ପଟ୍ଟନାୟକଙ୍କୁ ଉଚିତ ସମ୍ମାନ ମିଳିପାରିବ। ଜନସାଧାରଣଙ୍କ ଭାବବେଗକୁ କୁଠାରଘାତ ନ କରି ତୁରନ୍ତ ଉକ୍ତ ସ୍ଥାନରେ ହେବାକୁ ଥିବା ଅଡିଟୋରିୟମ୍ ପାଇଁ ହୋଇଥିବା ଟେଣ୍ଡର ବାତିଲ କରାଯାଉ ବୋଲି ଯୁବ ବିକାଶ ପରିଷଦ ପକ୍ଷରୁ ନିବେଦନ କରାଯାଇଥିବା ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ପ୍ରଶାସନର ଏଭଳି କୁଚକ୍ରାନ୍ତକୁ ପ୍ରତିବାଦ କରି ଆସନ୍ତା ୨୮ତାରିଖରେ ପୌର ପାଳିକା କାର୍ଯ୍ୟାଳୟ ସମ୍ମୁଖରେ ୧୦ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ଯାନବାହନ ଯାଞ୍ଚ, ଜରିମାନା ଆଦାୟ

**ରାୟଗଡା ଅଫିସ୍, ୨୪।୯**

ବେନିୟମ ଗାଡି ଚାଳନା ଯୋଗୁ ଦିନକୁ ଦିନ ବୃଦ୍ଧି ପାଉଥିବା ଦୁର୍ଘଟଣାକୁ ଏଡାଇବା ଓ ଜନସଚେତନତା ନିମନ୍ତେ ରାୟଗଡା ଜିଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆରଙ୍କ ନିର୍ଦ୍ଦେଶକ୍ରମେ ସୋମବାରଠାରୁ ରାୟଗଡା ସହରରେ ଯାନବାହନ ଯାଞ୍ଚ ଆରମ୍ଭ ହୋଇଛି। ରାୟଗଡା ସହରର କୋରାପୁଟ ଛକ, ଆମ୍ବେଡ଼କର ଛକ, ଏଫ୍‌ସିଆଇ ଗୋଦାମ, କପିଳାସ ଛକ ଏପରି ସହରର ବିଭିନ୍ନ ସ୍ଥାନରେ ବହୁ ପୋଲିସ ଫୋର୍ସ ମୁତୟନ କରାଯାଇ ମୁଖ୍ୟରାସ୍ତାଦେଇ ଯାତାୟାତ କରୁଥିବା ସମସ୍ତ ପ୍ରକାର ଯାନବାହନଗୁଡିକ ଯାଞ୍ଚ କରାଯାଇଥିଲା। ୨୨୭ଟି ଗାଡ଼ି ଯାଞ୍ଚ କରାଯାଇ ୮୦ ହଜାର ୫ ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। ଏଥିସହ ୨୭୭ ଗାଡ଼ି ମାଲିକଙ୍କୁ ଏମଭିଟିଆର ଦିଆଯାଇଛି। ଏହି ଯାଞ୍ଚ ପ୍ରକ୍ରିୟାରେ ମୁଖ୍ୟତଃ ଟ୍ରାଫିକ ନିୟମ ଉଲ୍ଲଂଘନ, ହେଲ୍‌ମେଟ, ଡ୍ରାଇଭିଂ ଲାଇସେନ୍ସ, ୧୮ବର୍ଷରୁ କମ୍ ବୟସର ପିଲା ଗାଡି ଚଳାଇବା, ନିଶାଦ୍ରବ୍ୟ ସେବନକରି ଗାଡି ଚଳାଇବା, ଓଭର ଲୋଡିଂ, ଗାଡି ଚଳାଇବା ବେଳେ ମୋବାଇଲ୍ ଫୋନ୍ ବ୍ୟବହାର କରିବା, ବେପରୁଆ ବା ଅତ୍ୟଧିକ ବେଗରେ ଗାଡି ଚଳାଇବା, ଫେନ୍ସି ନମ୍ବର ପ୍ଲେଟ୍ ଲଗାଇବା ଏବଂ ଗାଡି ରେଜିଷ୍ଟ୍ରେଶନ୍ ସହିତ ଇନ୍ସୁରାନ୍ସ, ଫିଟେନ୍ସ ଆଦି ଯାଞ୍ଚ କରାଯାଉଛି। ଆଇନ୍ ଉଲ୍ଲଂଘନ କରିଥିବା ବ୍ୟକ୍ତିଙ୍କ ଠାରୁ ଜରିମାନା ମଧ୍ୟ ଆଦାୟ କରାଯାଇଛି। ବହୁ ଗାଡି ମାଲିକଙ୍କ ନାମରେ ଆଇନ୍ ଉଲ୍ଲଂଘନ କରିଥିବାରୁ ମାମଲା ମଧ୍ୟ ରୁଜୁ କରାଯାଇଛି। ଏଥିରେ ରାୟଗଡା ଏସ୍‌ଡିପିଓ ରାଜକିଶୋର ଦାସ, ଜିଲା ଆଞ୍ଚଳିକ ପରିବହନ ଅଧିକାରୀ ଦିଲୀପ କୁମାର ଦଳାଇ, ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା, ସହକାରୀ ମୋଟର ଭାଇକେଲ୍ ଇନ୍ସପେକ୍ଟର ହୃଷିକେଶ ନାୟକ, ଟ୍ରାଫିକ ଇନ୍ସପେକ୍ଟର ଯୁଧିଷ୍ଠିର ଲେଙ୍କା, ଏସ୍‌ଆଇ ଚନ୍ଦ୍ରଶେଖର ଜେନା, ଗୋଲକ ପଟ୍ଟନାୟକ, କେ.ସମରିଆଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ସାମିଲ ହୋଇଥିଲେ।



ଯାନବାହନ ଯାଞ୍ଚ କରାଯାଉଛି।



ଅଭିଯୋଗ ଶୁଣାଣିରେ ଯୋଗ ଦେଇଥିବା ଅଧିକାରୀମାନେ।

# ଜିଲାପାଳଙ୍କ ଅଭିଯୋଗ ଶୁଣାଣି

**କୋଲନରା, ୨୪।୯(ଡି.ଏନ୍.ଏ)**

ରାୟଗଡା ଜିଲା କୋଲନରା ବ୍ଲକ୍‌ସଦ୍‌ଭାବନା ପ୍ରକୋଷ୍ଠରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାୟଗଡା ଉପଜିଲାପାଳ ପ୍ରବୀର କୁମାର ନାୟକ, ଗୁଣପୁର ଉପଜିଲାପାଳ ତଥା ପିଡି ଡିଆର୍‌ଡିଏ ଅମ୍ରିତ ଋତୁରାଜ, ଏଡିଏମ୍‌ଓ ଡା. ପୃଷ୍ଟି ଅଭିଯୋଗ ଶୁଣାଣି କରିଥିଲେ। ଏଥିସହ ଜିଲାର ସମସ୍ତ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ଏଠାରେ ମୋଟ ୫୧ଟି ଅଭିଯୋଗ ଶୁଣାଣି କରାଯାଇଥିଲା। ଏଥିରେ ଗ୍ରାମୀଣ ୧୧ଟି, ମେଡିକାଲ ୭ଟି ଓ ୩୩ଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଜିଲା ଅଧିକାରୀଙ୍କ ସହିତ କୋଲନରା ବିଡିଓ ତାପସ ଭୋଇ, ଏବିଡିଓ କେ.ଶିବ ଗୋପାଳ ରାଓ, ସିଡିପିଓ ଜି.ଗିରିଜା, ଏମ୍‌ଓ ଡା. ଭବାନୀଶଙ୍କର ବହିଦାର, ତହସିଲଦାର ମାନସୀ ନାୟକ, ବିଇଓ ଏମ୍.ଖଗେଶ୍ୱର ରାଓ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ବାଇକ୍ ଚୋରି ଘଟଣାରେ ନାବାଳକ ଗିରଫ

**ରାୟଗଡା ଅଫିସ,୨୪।୯:**

ରାୟଗଡା ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରୁ ବାଇକ୍ ଚୋରି ମାମଲାରେ ପୋଲିସ ଜଣେ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗତ ୧୯ ତାରିଖରେ କିଆପାଡୁ ଗ୍ରାମର ହେମନ୍ତ ଡଙ୍ଗରୀ ବାଇକ୍‌ରେ ସ୍ତ୍ରୀଙ୍କୁ ନେଇ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ। ବାଇକ୍‌କୁ ମେଡିକାଲ ପରିସରରେ ରଖିଥିଲେ। ୨୦ ତାରିଖ ସକାଳେ ତାଙ୍କ ବାଇକ ନ ଥିବା ଦେଖିବାକୁ ପାଇଥିଲେ। ବହୁ ଖୋଜା ଖୋଜି କରିବା ପରେ ନ ପାଇବାରୁ ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ କାଶୀପୁର ଥାନା ଅନ୍ତର୍ଗତ ତଳଡେଙ୍କା ଅଞ୍ଚଳର ଜଣେ ନାବାଳକଙ୍କଠାରୁ ଚୋରି ବାଇକକୁ ଜବତ କରିଥିଲା। ନାବାଳକଙ୍କୁ ଗିରଫ କରିକୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ କୃଷ୍ଣଚନ୍ଦ୍ର ଭତ୍ରା ସୂଚନା ଦେଇଛନ୍ତି।

### କବିତା ପାଠୋତ୍ସବ

**ମୁନିଗୁଡ଼ା,୨୪।୯(ଡି.ଏନ୍.ଏ.)**

ରାୟଗଡା ଜିଲା ମୁନିଗୁଡ଼ାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଭାରତୀୟ ଜନତା ପାର୍ଟି ଜିଲା ଶାଖା ତରଫରୁ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ମାସାନ୍ତ ଏବଂ ଦୀନ ଦୟାଲ ଉପାଧ୍ୟାୟଙ୍କ ସ୍ମୃତିରେ କାର୍ଯ୍ୟାଞ୍ଜଳି ସେବା ସପ୍ତାହ ଅବସରରେ ରବିବାର ଏକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ ଅଧ୍ୟକ୍ଷତା କରିଥିଲେ। ଜିଲା ପରିଷଦ ସଭ୍ୟ ତଥା ଭାଜପା ଜିଲା ସାଧାରଣ ସମ୍ପାଦକ ରାମଚନ୍ଦ୍ର ବେହେରା ମୁଖ୍ୟ ଅତିଥି, ସାହିତ୍ୟିକ ନିରଞ୍ଜନ ନାୟକ, ରମାକାନ୍ତ ଦାସ, ବିକେ ଅମିତ କୁମାର, ଲକ୍ଷ୍ମୀକାନ୍ତ ବେହେରା, ପ୍ରଶାନ୍ତ କୁମାର ରତ୍ନାଳୁ, ପଦ୍ମନ ବେହେରା, ମହେଶ୍ୱର ଭୁକ୍ତା, ରମେଶ ପାଣି, ଜି. ବୀରଭଦ୍ର ଆଚାରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅଟଳ ବିହାରୀ ବାଜପେୟୀଙ୍କ ସ୍ମୃତିଚାରଣ କରିଥିଲେ। ଉତ୍ତମ କୁମାର ଦାସଙ୍କ ସଂଯୋଜନାରେ ମନୋରଞ୍ଜନ ଦଳେଇ, ଅଶ୍ୱିନୀ କୁମାର ବାରିକ, ଅନନ୍ତ କୁମାର ସାମନ୍ତ, ହୃଷୀକେଶ ଜାଲି, ବିଜୟ କୁମାର ମିଶ୍ର, କମ୍ବୁଭୂଷଣ ସିଂହ, ପ୍ରଦୀପ କୁମାର ସାହୁ, ଗୌରାଙ୍ଗ ଚରଣ ପଳତା, ପ୍ରଶାନ୍ତ କୁମାର ସାହୁ, ସୁବାସ ଚନ୍ଦ୍ର କୋରା, ଗଣେଶ୍ୱର ସେଠୀ ପ୍ରମୁଖ କବିତା ଆବୃତ୍ତି କରିଥିଲେ। ପରିଚାଳନାରେ ପ୍ରିୟଙ୍କା ପ୍ରୟଦର୍ଶିନୀ ପାତ୍ର, ଗିରୀଶ ପ୍ରସାଦ ମିଶ୍ର, ଅନିରୁଦ୍ଧ ବେହେରା, ମନୋଜ କୁମାର କୁଶୁଲ୍ୟ, ଅନିରୁଦ୍ଧ କରକରିଆ, କିଶୋରବାଗ ସହାୟତା କରିଥିଲେ।

# ସେବା କାର୍ଯ୍ୟରେ ସାମିଲ ହେଲେ ବ୍ୟକ୍ତିତ୍ୱ ହେବ ବିକାଶ

**ଗୁଣପୁର,୨୪।୯(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର କଲେଜଠାରେ ସୋମବାର ଏନ୍‌ଏସ୍‌ଏସ୍ ତଥା ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଅଧ୍ୟକ୍ଷ ମୋହନଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏନଏସଏସ ସ୍ୱେଚ୍ଛାସେବୀଙ୍କ କାର୍ଯ୍ୟ। ଏହି ଦିବସର ମହାନତା ଉପରେ ମତବ୍ୟକ୍ତ କରିବା ସହ ଏପରି କାର୍ଯ୍ୟରେ ନିୟୋଜିତ ହୋଇ ବ୍ୟକ୍ତିତ୍ୱ ବିକାଶ କରିପାରିବେ ବୋଲି ଛାତ୍ରୀଛାତ୍ରଙ୍କୁ ଆହ୍ୱାନ କରିଥିଲେ। ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶଶୀଭୂଷଣ ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସେବା ହିଁ ମାନବ ଧର୍ମ ଏବଂ ଏହାର ଉଦ୍ଦେଶ୍ୟ ଉପରେ କହିଥିଲେ। ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଶିବ ପ୍ରସାଦ ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶେଷରେ ଭଲ କାର୍ଯ୍ୟକ୍ରମ ଅଧିକାରୀ ଭାବେ ରାଜ୍ୟ ସ୍ତରରେ ସମ୍ମାନିତ ହୋଇଥିବା ଜିଲା କାର୍ଯ୍ୟକ୍ରମ ଅଧିକାରୀ ଶଶୀଭୂଷଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡ.ସୂର୍ଯ୍ୟ ନାରାୟଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବାବେଳେ ଡ.ଜୟଶ୍ରୀ ଜେଟି ମଞ୍ଚ ପରିଚାଳନା କରିଥିଲେ। ଶେଷରେ ଅମିୟ କୁମାର ମହାନ୍ତି ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବହୁ ସଂଖ୍ୟାରେ ଛାତ୍ରୀଛାତ୍ର ତଥା ସ୍ୱେଚ୍ଛାସେବୀ କଲେଜ ପରିସରରେ ସଫେଇ କରିଥିଲେ।



କାର୍ଯ୍ୟକ୍ରମ ଅଧିକାରୀ ଶଶିଭୂଷଣ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# କଳାବ୍ୟାଜ ପିନ୍ଧି ପଢ଼ାଇଲେ ଶିକ୍ଷକ



ଶିକ୍ଷକମାନେ କଳାବ୍ୟାଜ ପିନ୍ଧିଛନ୍ତି।

**ମୁନିଗୁଡ଼ା,୨୪।୯(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ବ୍ଲକ ଶିକ୍ଷକ, ଅଧ୍ୟାପକ, କର୍ମଚାରୀ ସଂଘର ସମସ୍ତ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀମାନେ ସୋମବାରଠାରୁ କଳାବ୍ୟାଜ ପିନ୍ଧି କାର୍ଯ୍ୟରେ ଯୋଗ ଦେଇଛନ୍ତି। ମୁନିଗୁଡ଼ା ମହାବିଦ୍ୟାଳୟର ଅଧ୍ୟାପକ ଓ କର୍ମଚାରୀ, କୁମୁଡ଼ାବାଲି ଉଚ୍ଚ ବିଦ୍ୟାଳୟ, ମାଣିକେଶ୍ୱରୀ ବିଦ୍ୟାପୀଠ, ବୃନ୍ଦାବନ ବିଦ୍ୟାପୀଠ, ବନମାଳୀ ଶିକ୍ଷା ନିକେତନ,ଇନ୍ଦିରାଗାନ୍ଧୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଓ କର୍ମଚାରୀମାନେ କଳାବ୍ୟାଜ ପିନ୍ଧି ନିଜ ନିଜ ସ୍କୁଲରେ ପିଲାମାନଙ୍କୁ ପାଠ ପଢାଇଛନ୍ତି। ବର୍ତ୍ତମାନ ମାଟ୍ରିକ ପ୍ରିଟେଷ୍ଟ ପରୀକ୍ଷା ଚାଲିବା ସହ ଆଗାମୀ ଦିନରେ ବିଭିନ୍ନ ପରୀକ୍ଷା ଥିବାରୁ ଛାତ୍ରୀଛାତ୍ରମାନଙ୍କ ଭବିଷ୍ୟତକୁ ଆଖିଆଗରେ ରଖି ସଂଘ ବାଧ୍ୟ ହୋଇ କଳାବ୍ୟାଜ ପିନ୍ଧି ପଢାଇବାକୁ ନିଷ୍ପତ୍ତି ନେଇଛୁ ବୋଲି ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀମାନେ ପ୍ରକାଶ କରିଛନ୍ତି। ଶିକ୍ଷକ,ଅଧ୍ୟାପକ ଓ କର୍ମଚାରୀ ମିଳିତ ମଞ୍ଚ ଦ୍ୱାରା ପୂର୍ଣ୍ଣ ସରକାରୀ ଅନୁଦାନ, ସମାନ କାମକୁ ସମାନ ଦରମା, ପେନସନ ଲାଗୁ ଆଦି ଦାବି କରାଯାଇଛି। ଦାବି ପୂରଣ ନେଇ ପୂର୍ବରୁ ପଦଯାତ୍ରା, ବ୍ଲକ ସମ୍ମୁଖରେ ଧାରଣା ମଧ୍ୟ ଦିଆଯାଇଛି।

# ଅଗ୍ନିଶମ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ରାୟଗଡା ଅଫିସ/ଗୁଣପୁର/କାଶୀପୁର, ୨୪।୯(ଡ଼ି.ଏନ.ଏ)**

୬ ଦଫା ଦାବି ନେଇ ରାୟଗଡ଼ାର ବିଭିନ୍ନ ଅଞ୍ଚଳରେ କାର୍ଯ୍ୟରତ ଥିବା ଅଗ୍ନିଶମ କର୍ମଚାରୀମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଛନ୍ତି। ଅଗ୍ନିଶମ ସେବା କର୍ମଚାରୀମାନେ ନିଜ ନିଜ ଅଗ୍ନିଶମ ସେବା କେନ୍ଦ୍ର ସମ୍ମୁଖରେ ଧାରଣାରେ ବସିଛନ୍ତି। ଅଗ୍ନିଶମ କର୍ମଚାରୀମାନଙ୍କୁ ଓଡିଶା ପୋଲିସ କର୍ମଚାରୀଙ୍କ ପରି ସମାନ ଦରମା ଓ ଭତ୍ତା ପ୍ରଦାନ, ହାବିଲଦାର ଏବଂ ଫାୟାରମ୍ୟାନ ସଂଘକୁ ତୁରନ୍ତ ସରକାରୀ ପଞ୍ଜୀକରଣ କରିବା, ଚୁକ୍ତିଭିତ୍ତିକ କର୍ମଚାରୀମାନଙ୍କୁ ନିୟମିତ କରିବା, ଅବସର ଗ୍ରହଣ କରିଥିବା କର୍ମଚାରୀମାନଙ୍କୁ ତୁରନ୍ତ ପେନସନ ଓ ଅବସରକାଳୀନ ପ୍ରାପ୍ୟ ପ୍ରଦାନ, କର୍ମଚାରୀଙ୍କୁ ୮ଘଣ୍ଟା ଡ୍ୟୁଟିରେ ମୁତୟନ କରିବା ଆଦି ଦାବି କରାଯାଇଛି। ସେହିପରି ଗୁଣପୁରଠାରେ କାର୍ଯ୍ୟରତ ଅଗ୍ନିଶମ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି। ଉପରୋକ୍ତ ସମସ୍ତ ଦାବିଗୁଡିକ ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରଖିବୁ ବୋଲି ଜିଦ୍ ଧରିଛନ୍ତି। ସେହିପରି ୬ ଦଫା ଦାବି ନେଇ କାଶୀପୁର ବ୍ଲକରେ ଥିବା ଅଗ୍ନିଶମ କର୍ମଚାରିମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। କାଶୀପୁର ବିଭାଗ କାର୍ଯ୍ୟାଳୟ ଆଗରେ କର୍ମଚାରୀମାନେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଇଛନ୍ତି। ଫଳରେ ଦମକଳ ସେବା ସମ୍ପୂର୍ଣ୍ଣ ଠପ ହୋଇଯାଇଛି। ଏଣୁ ତୁରନ୍ତ ଦାବି ଗୁଡିକୁ ସରକାର ମାନି ନିଅନ୍ତୁ, ନଚେତ ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି।





ଗୁଣପୁର ଓ କାଶୀପୁରରେ ଅଗ୍ନିଶମ କର୍ମଚାରୀମାନେ ଆନ୍ଦୋଳନ ଚଳାଇଛନ୍ତି।